ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.61 Bhubaneswar Thursday 14, 2022 | ୨୫ତମ ବର୍ଷ ସଂଖ୍ୟା-୬୧ ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୧୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଖରାଛୁଟିରେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ହେବ ଶିକ୍ଷଣୀୟ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୩।୪(ପି.ଏନ): କୋଭିଡ୍ ମହାମାରୀ ଯୋଗୁ ଛାତ୍ରଛାତ୍ରୀମାନଙ୍କ ପାଠପ ?ାରେ ଯେଉଁ ବ୍ୟାଘାତ ସୃଷ୍ଟି ହୋଇଛି ତା'ର ଭରଣା କରିବା ପାଇଁ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଖରାଛୁଟି ସମୟରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ସ୍କୁଲଗୁଡିକରେ ଆୟୋଜନ କରିବାକୁ 'ମୋ ସ୍କୁଲ ଅଭିଯାନ'ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି ।ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡିକର ବିକାଶ ପାଇଁ ସ୍କୁଲ ଓ ବ୍ଲକସ୍ତରରେ 'ମୋ ସ୍କୁଲ' ଦ୍ୱାରା ମନୋନୀତ ସ୍ୱତନ୍ତ୍ର ସେଚ୍ଛାସେବୀମାନେ କାର୍ଯ୍ୟ କରିବେ । ଭିତ୍ତିଭୂମି ବିକାଶ ସହ ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଏହି ସ୍ୱେଚ୍ଛାସେବୀମାନେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବେ ।'ମୋ ସ୍କୁଲ' ପୁରାତନ ଛାତ୍ରଛାତ୍ରୀ ତଥା ମନୋନୀତ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରିବ। ଏଥିପାଇଁ ସ୍କୁଲ ଓ ବ୍ଲକସ୍ତରରେ ସ୍ୱେଚ୍ଛାସେବୀମାନଙ୍କୁ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ମୋ' ସ୍କୁଲ ଅଭିଯାନର ବରିଷ୍ଠ ଅଧିକାରୀମାନେ ୨୦ଟି ଜିଲ୍ଲା ଗସ୍ତ ୬୯ଟି ବ୍ଲକରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ଆଗାମୀ ଦିନରେ 'ମୋ ସ୍କୁଲ' ଦ୍ୱାରା ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବାକୁ ବ୍ଲକସ୍ତରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନିବେଦନ କରିଛନ୍ତି ।'ମୋ ସ୍କୁଲ' କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ରାଜ୍ୟର ୨୭ଟି ଜିଲ୍ଲାକୁ ମୋଟ ୧୨୮.୩୨କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ମାସକ ମଧ୍ୟରେ ୧୮ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ ଅଭିଯାନ' ସହ ଯୋଡି ହୋଇଛନ୍ତି । ସେମାନେ ନିଜ ନିଜ ସ୍କୁଲର ବିକାଶ ପାଇଁ ୬କୋଟି ୪୫ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ବିଭିନ୍ନ ସିଏସଆର ପାଣ୍ଠିରୁ ରାଜ୍ୟର ସରକାରୀ ସ୍କୁଲଗୁଡିକର ବିକାଶ ପାଇଁ 'ମୋ ସ୍କୁଲ ଅଭିଯାନ'କୁ ୩୬.୨୪କୋଟି ଟଙ୍କାର ଅନୁଦାନ ଆସିଛି । ମୋ ସ୍କୁଲର '୧୦୦ ସ୍କୁଲ କାର୍ଯ୍ୟକ୍ରମ' ମାଧ୍ୟମରେ ରାଜ୍ୟର ୧୦୦ଟି ହାଇସ୍କୁଲକୁ ଭିତ୍ତିଭୂମି ଓ ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷ ବିଦ୍ୟାଳୟ ଭାବେ ବିକଶିତ କରିବାକୁ ତ୍ୱରିତ୍ ପଦକ୍ଷେପ ନିଆଯାଉଛି । ଏହି ପରିଷଦ ବୈଠକରେ ସମସ୍ତ ସଦସ୍ୟ ଯୋଗ ଦେଇଥିବା ଜଣାପଡିଛି ।

## କୋଣାର୍କ ଏକ୍ସପ୍ରେସରେ ବୋମା ଆତଙ୍କ

ଭୁବନେଶ୍ୱର, ୧୩।୪(ପି.ଏନ): କୋଣାର୍କ ଏକ୍ସପ୍ରେସରେ ବୋମା ଆତଙ୍କ । ଗତକାଲି ଭୁବନେଶ୍ୱରରୁ ମୁମ୍ବାଇ ଅଭିମୁଖେ ବାହାରିଥିବା କୋଣାର୍କ ଏକ୍ସପ୍ରେସରେ ବୋମା ଥିବା ନେଇ ସୂଚନା ମିଳିଥିଲା । ସୂଚନା ପାଇ ମୁମ୍ବାଇ ଆଡ଼କୁ ଯାଉଥିବା କୋଣାର୍କ ଏକ୍ସପ୍ରେସ ମଝି ରାସ୍ତାରେ ସିକନ୍ଦରାବାଦ ଷ୍ଟେସନ୍ ପୂର୍ବରୁ ଯାଂଚ କରାଯାଇଥିଲ । ତେବେ ବୋମା ମିଳି ନଥିବା ଜଣାପଡିଛି ।ସୂଚନା ମୁତାବକ, ମୁମ୍ବାଇ ଅଭିମୁଖେ ଯାଉଥିବା କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ଛାଡ଼ିବାର କିଛି ଘଂଟା ପରେ ଟ୍ରେନରେ ବୋମା ଥିବା ନେଇ ସୂଚନା ମିଳିଥିଲା । ବୋମା ଥିବାର ସୂଚନା ପାଇ ଟ୍ରେନ୍ କୁ ସିକନ୍ଦରାବାଦର ଚର୍ଲପଲ୍ଲୀ ଷ୍ଟେସନରେ ଅଟକାଇ ଦିଆଯାଇଥିଲା । ଯାଂଚ ପାଇଁ ସମସ୍ତ ଯାତ୍ରୀଙ୍କୁ ବଗିରୁ ପ୍ରଥମେ ବାହାର କରି ପୂରା ଟ୍ରେନକୁ ତନ୍ନତନ୍ନ କରି ଯାଂଚ କରିଥିଲେ ବୋମା ନିରୋଧୀ ସ୍କ୍ୱାର୍ଡ । ହେଲେ ଟ୍ରେନରେ କୌଣସି ବୋମା ନଥିବା ଜଣାପଡ଼ିଥିଲା । ବୋମା ନଥିବା ଜଣାପଡ଼ିବା ପରେ ସମସ୍ତ ଯାତ୍ରୀ ସୁରକ୍ଷିତ ଭାବେ ମୁମ୍ବାଇ ଅଭିମୁଖେ ପୁଣି ଥରେ ଯାତ୍ରା ଆରମ୍ଭ କରିଛନ୍ତି ।

## ରାଜ୍ୟ ସରକାରଙ୍କୁ ସଂସ୍କାରର ପାଠ ପଢ଼ାଇଲେ ଅପରାଜିତା ଷଡଙ୍ଗୀ



ଭୁବନେଶ୍ୱର,୧୪।୪(ପି.ଏନ):ରାଜ୍ୟ ସରକାରଙ୍କୁ ସଂସ୍କାରର ପାଠ ପଢ଼ାଇଲେ ଅପରାଜିତା ଷଡଙ୍ଗୀ । ସରକାରଙ୍କୁ ସାଧାରଣ ଜ୍ଞାନ ପ ?ିବାକୁ ପରାମର୍ଶ ଦେଲେ ସାଂସଦ । ଜଣେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ କିପରି ସମ୍ମାନ ଦିଆଯାଏ, ତାହା ରାଜ୍ୟ ସରକାର ଶିକ୍ଷିବା ଆବଶ୍ୟକ ବୋଲି କହିଛନ୍ତି ଅପରାଜିତା ଷଡଙ୍ଗୀ । ରାଜଧାନୀ ପ୍ରତିଷ୍ଠା ଦିବସ ସାମରୋହରେ ଭୁବନେଶ୍ୱର ସାଂସଦଙ୍କୁ କାହିଁକି ନିମନ୍ତ୍ରଣ କରାଗଲା ନାହିଁ ବୋଲି ସେ ସିଧା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପ୍ରଶ୍ନ କରିଛନ୍ତି । ମୌଖିକ ଭାବେ ଡକାଗଲା ନାହିଁ କି ନିମନ୍ତ୍ରଣପତ୍ରରେ ସାଂସଦଙ୍କ ନାମ ରଖାଗଲା ନାହିଁ । ଏହା କେଉଁ ପ୍ରକାର ସାଂସ୍କାର ବୋଲି ଟ୍ୱିଟ୍ ? କରି ପ୍ରଶ୍ନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ।ଭୁବନେଶ୍ୱରରୁ ଲୋକସଭାକୁ ନିର୍ବାଚିତ ହୋଇଥିବାରୁ ରାଜଧାନୀ ପ୍ରତିଷ୍ଠା ଦିବସକୁ ନିମନ୍ତ୍ରିତ ହେବା ତାଙ୍କ ଅଧିକାର । ତାଙ୍କୁ କାହିଁକି ଏଥିରୁ ବାଦ୍ ଦିଆଗଲା ତା'ର ଏକ ବିଧିବଦ୍ଧ ତଦନ୍ତ କରିବାକୁ ଅପରାଜିତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ସାଂସଦଙ୍କୁ ଡକା ନଯିବା ପଛରେ କେଉଁ ବ୍ୟକ୍ତି ଉତ୍ତରଦାୟୀ ? ତାଙ୍କୁ ତଦନ୍ତ କରି ବାହାର କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କଠାରୁ ଚିଠିର ପ୍ରତ୍ୟୁତ୍ତର ମଧ୍ୟ ଆଶା କରିଛନ୍ତି । କାରଣ ତାଙ୍କୁ ଭୋଟ୍ ଦେଇଥିବା ଭୁବନେଶ୍ୱରବାସୀ ଏହାର କାରଣ ଜାଣିବାକୁ ଚାହୁଁଛନ୍ତି ।କରୋନା ପାଇଁ ଗତ ୨ ବର୍ଷ ହେଲା ନିରାଡମ୍ବର ଭାବେ ପାଳନ ହେଉଥିଲା ରାଜଧାନୀ ପ୍ରତିଷ୍ଠା ଦିବସ । ତେବେ ଚଳିତବର୍ଷ ସମାରୋହକୁ ଧୂମ୍‌ଧାମରେ ପାଳନ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ମିଳିତ ଭାବେ ମୁଖ୍ୟଶାସନ ସଚିବଙ୍କ ସହ ଏନେଇ ବୈଠକ କରିଥିଲେ । ସମାରୋହ ପୂର୍ବରୁ ତିନି ତିନି ଥର ବୈଠକ ବସିଥିଲା ।ରାଜଧାନୀ ପ୍ରତିଷ୍ଠା ଦିବସର ଆୟୋଜକଙ୍କ ସହ ରାଜ୍ୟ ସରକାର ସହଯୋଗର ହାତ ବଢାଇ ପ୍ରତିଷ୍ଠା ଦିବସର ସମସ୍ତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା । ଏଥିପାଇଁ ସ୍ୱତନ୍ତ୍ର ଭାବେ ଅତିଥିଙ୍କ ତାଲିକା ଓ କାର୍ଯ୍ୟସୂଚୀ ନେଇ ନିମନ୍ତ୍ରଣପତ୍ର ଛପାଗଲା । ନିମନ୍ତ୍ରଣପତ୍ରରେ ୧୬ ଜଣଙ୍କ ନାଁ ରହିଥିଲା । ୩ ଆୟୋଜକଙ୍କ ବାଦ ବାଚସ୍ପତି ସୂର୍ଯ୍ୟ ନାୟରାୟଣ ପାତ୍ର, ରାଜ୍ୟ ସରକାରଙ୍କ ୪ ଜଣ ମନ୍ତ୍ରୀ, ୨ ଜଣ ସ୍ଥାନୀୟ ବିଧାୟକ, ବିଏମ୍ ?ସି ମେୟର ଓ କମିଶନର, ଟ୍ୱିନସିଟି ପୁଲିସ୍ କମିଶନର, ସୂଚନା ଓ ଲୋକ ସଂପର୍କ ବିଭାଗର ସଚିବ ଓ ନିର୍ଦ୍ଦେଶକ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା । ହେଲେ ରାଜଧାନୀ ଭୁବନେଶ୍ୱରରୁ ନିର୍ବାଚିତ ଲୋକସଭା ସାଂସଦ ଅପରାଜିତ ଷଡଙ୍ଗୀଙ୍କୁ ଡକାଗଲା ନାହିଁ । ତାଙ୍କ ନାଁକୁ କୌଣସି ସ୍ଥାନରେ ରଖାଗଲା ନାହିଁ । ଏ କଥା ଖୋଦ୍ ଅପରାଜିତା ଟ୍ୱିଟ୍ କରି ନିଜ ଦୋଷ କେଉଁଠି ରହିଲା ବୋଲି ପ୍ରଶ୍ନ କରିଛନ୍ତି । କାହିଁକି ଜଣେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଅପରାଜିତାଙ୍କ ଟ୍ୱିଟ୍‌ର ଉତ୍ତର ଏଯାଏ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଗଲା ନାହିଁ । ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ବେଶ୍ ? ଚତୁରତାର ସହ ଦେଇଛନ୍ତି ଭୁବନେଶ୍ୱର ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକପଣ୍ଡା । ସେ କହିଛନ୍ତି, "ରାଜଧାନୀ ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ନେଇ ହେବ କଥା । ମୁଁ ଆଶା କରିବି, ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଭୁବନେଶ୍ୱରର ତିନି ଜଣ ନିର୍ବାଚିତ ବିଧାୟକ, ମେୟରଙ୍କୁ ସାମିଲ କରି ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବା କଥା ।" ହେଲେ ସାଂସଦଙ୍କ ପାଇଁ ପଦୁଟିଏ କହିଲେ ନାହିଁ ମନ୍ତ୍ରୀ ମହାଶୟ । ସାମ୍ବାଦିକ ଏ ନେଇ ବାରମ୍ବାର ପ୍ରଶ୍ନ କରିବାରୁ ମନ୍ତ୍ରୀ କହିଲେ, "ଯାହା ନିୟମ ରହିଛି ସମସ୍ତଙ୍କୁ ସାମିଲ କରିବା କଥା । ଆଗାମୀ ଦିନରେ କାର୍ଯ୍ୟକ୍ରମ ଟିକେ ଶୃଙ୍ଖଳିତ ହେବା ଉଚିତ୍ । ଏ ନେଇ କୌଣସି ରାଜନୀତିକରଣ କରାଯାଉ ନାହିଁ ।"

## ସରକାରୀ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାସିଂ କୋର୍ସ ଉପରେ ଅଂକୁଶକୁ ଛାତ୍ର କଂଗ୍ରେସର ବିରୋଧ

ଭୁବନେଶ୍ୱର, ୧୩।୪(ପି.ଏନ): ସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ସେଲ୍ଫ ଫାଇନାସିଂ କୋର୍ସ ଉପରେ ଅଂକୁଶ ଲଗାଇବା ନିଷ୍ପତିକୁ ଦୃଢ଼ ନିନ୍ଦା କରିଛନ୍ତି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ । ଏହି ନିଷ୍ପତି ଦ୍ୱାରା ସେଲ୍ଫ ଫାଇନାସିଂ କୋର୍ସ ଆଡମିଶନ କ୍ଷେତ୍ରରେ ମେଧାବୀ ଛାତ୍ରଛାତ୍ରୀମାନେ ସରକାରୀ ବିଶ୍ୱବିଦ୍ୟାଳୟରେ ପାଠପଢ଼ିବାରୁ ବଂଚିତ ହେବେ । ଘରୋଇ ବିଶ୍ୱବିଦ୍ୟାଳୟ ମାନେ ଲାଭାନ୍ୱିତ ହେବେ । ଗରିବ ମେଧାବୀ ଛାତ୍ରଛାତ୍ରୀ ମାନେ ଲକ୍ଷାଧିକ ଟଙ୍କା ଦେଇ ପାଠ ପଢ଼ିପାରିବେ ନାହିଁ ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯିବ । ସରକାରୀ ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାସିଂ କୋର୍ସରେ ୨୦ ପ୍ରତିଶତ ଛାତ୍ରଛାତ୍ରୀ ମାନଙ୍କର ଆଡମିଶନ ଅତ୍ୟନ୍ତ ନଗଣ୍ୟ । ତେଣୁ ଏହି ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଦାବି କରିଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି । ଯଦି ରେଗୁଲାର କୋର୍ସ ପ୍ରଭାବିତ ହେବାର ପ୍ରସଙ୍ଗ ସରକାର ଅନୁଭବ କରୁଛନ୍ତି ତେବେ ସରକାର କଣପାଇଁ ଖାଲି ପଡ଼ିଥିବା ଅଧ୍ୟାପକ, ଅଧ୍ୟାପିକାମାନଙ୍କ ପଦବୀ ପୂରଣ କରିପାରୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ତୁରନ୍ତ ଏହି ନିଷ୍ପତିକୁ ପ୍ରତ୍ୟାହାର ନକରାଯାଏ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳ ତଥା କୁଳାଧିପତିଙ୍କୁ ଭେଟି ଦାବିପତ୍ର ଜଣାଇବା ସହ ଶିକ୍ଷାର ଘରୋଇ କରଣ ବିରୋଧରେ ରାଜ୍ୟବ୍ୟାପି ଆନ୍ଦୋଳନ କରିବ । ଅପରପକ୍ଷରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କ ପ୍ରରୋଚନାରେ ଏଭଳି ଛାତ୍ର ବିରୋଧି ନିଷ୍ପତି ନିଆଯାଉଛି ବୋଲି ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି । ଏଥିରେ କେବଳ ରାଜ୍ୟପାଳଙ୍କୁ ବ୍ୟବହାର କରାଯାଇଛି, ମାତ୍ର ଅସଲ ଚକ୍ରାନ୍ତ ମନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ । ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସାହୁଙ୍କ ଅମଳରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଡମିଶନ ଜାଲିଆତି ଧରାପଡ଼ିଛି । ଏପ୍ରସଙ୍ଗରେ ଶିକ୍ଷାମନ୍ତ୍ରୀ ଶ୍ରୀ ସାହୁ ଚୁପ ବସିଛନ୍ତି । ଏହି ଜାଲିଆତିର ଦଲାଲମାନେ ବିଜେଡ଼ି ଦଳର କର୍ମକର୍ତା ଥିବା ଜଣାପଡ଼ିଛି । ବିଜେଡ଼ି ସରକାର ସେମାନଙ୍କୁ ସୁରକ୍ଷା ଦେଉଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ସେ କହିଛନ୍ତି ।

## କାଳବୈଶାଖୀ ସମ୍ଭାବନା , ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୩।୪(ପି.ଏନ):– ଆସନ୍ତା ଏପ୍ରିଲ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁ ଘଡଘଡି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରାରେ ବିଶେଷ ପରିବର୍ତନ ହେବାର ସମ୍ଭାବନା ନାହିଁ । ତେବେ, ଆସନ୍ତା ୨ ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୨ରୁ ୪ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ଅଧିକା ରହିପାରେ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଏକ ସତର୍କ ସୂଚନାରେ କୁହାଯାଇଛି ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, ରାୟଗଡା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ମୟୂରଭଂଜ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ଜନିତ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୯ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିବା ସହ କାଳବୈଶାଖୀ ସମୟରେ ପଦାକୁ ନ ବାହାରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର ।ସେହିପରି ୧୪ରୁ ୧୫ ତାରିଖ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ରାୟଗଡା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି ।

## ମୋ ସ୍କୁଲ୍ ଅଭିଯାନର ୩୩ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୧୨୮ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୧୩।୪(ପି.ଏନ): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ସ୍କୁଲ୍ ଓ ବ୍ଲକ୍ ସ୍ତରରେ କାର୍ଯ୍ୟକରିବେ 'ମୋ ସ୍କୁଲ୍' ଦ୍ୱାରା ମନୋନୀତ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ । ଭିତିଭୂମି ବିକାଶ ସହ ପିଲାମାନଙ୍କର ବୌଦ୍ଧିକ ବିକାଶ ପାଇଁ ଏହି ସ୍ୱେଚ୍ଛାସେବୀମାନେ ସ୍ୱତନ୍ତ୍ର ଭାବରେ ଗୁରୁତ୍ୱ ଦେବେ । ଏଥିଲାଗି 'ମୋ ସ୍କୁଲ୍ ଅଭିଯାନ'ର ବରିଷ୍ଠ ଅଧିକାରୀମାନେ ୨୦ଟି ଜିଲ୍ଲା ଗସ୍ତ କରି ୬୯ଟି ବ୍ଲକ୍‌ରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ଆଗାମୀଦିନରେ 'ମୋ ସ୍କୁଲ୍' ଦ୍ୱାରା ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରିବାକୁ ବ୍ଲକ୍ ସ୍ତରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନିବେଦନ କରିଛନ୍ତି । କୋଭିଡ୍ ମହାମାରୀ ଯୋଗୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ଯେଉଁ ବ୍ୟାଘାତ ସୃଷ୍ଟି ହୋଇଛି ତାହାର ଭରଣା ପାଇଁ 'ମୋ ସ୍କୁଲ୍' ପୁରାତନ ଛାତ୍ରଛାତ୍ରୀ ତଥା ମନୋନୀତ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରିବ । ଏଥିପାଇଁ ସ୍କୁଲ୍ ଓ ବ୍ଲକ୍ ସ୍ତରରେ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ଖରାଛୁଟି ସମୟରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ 'ମୋ ସ୍କୁଲ୍ ଅଭିଯାନ'ର ୩୩ତମ କାର୍ଯ୍ୟନିର୍ବାହୀ ପରିଷଦରେ ନିଷ୍ପତି ନିଆଯାଇଛି । ବୁଧବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅଧ୍ୟକ୍ଷତା କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଆର୍ଥିକ ସ୍ୱଚ୍ଛତା ବଜାୟ ରଖିବାକୁ ପିଏଫ୍‌ଏମ୍‌ଏସ୍ ଏବଂ ଏସ୍‌ଏନ୍‌ଏ ଭଳି ମନିଟରିଂ ସିଷ୍ଟମ୍ ର ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଓଡ଼ିଶା ବିଜ୍ଞାନ ଏକାଡେମୀ ଭଳି ସଂଗଠନ ସହ 'ମୋ ସ୍କୁଲ୍' ମିଳିତ ଭାବରେ କାର୍ଯ୍ୟ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ନିର୍ଦ୍ଦେଶ ଦେଇଥିଲେ । ଚଳିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଓଡ଼ିଶାର ୨୭ଟି ଜିଲ୍ଲାର ମୋଟ ୧୨୮ କୋଟି ୩୨ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଗତ ୧ ମାସ ମଧ୍ୟରେ ୧୮ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ସହ ଯୋଡ଼ିହୋଇଛନ୍ତି । ସେମାନେ ନିଜ ନିଜ ବିଦ୍ୟାଳୟର ବିକାଶ ପାଇଁ ୬ କୋଟି ୪୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ।




ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-08
15001/13/0011/2223





ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା



ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ପଣା ସଂକ୍ରାନ୍ତି ତଥା ଓଡ଼ିଆ ନୂଆ ବର୍ଷ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ନୂଆ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ଆସନ୍ତୁ, ସମସ୍ତେ ମିଶି ଓଡ଼ିଆ ଜାତିର ବିକାଶ ପାଇଁ କାମ କରିବା ଓ ଓଡ଼ିଶାର ଗୌରବକୁ ସବୁଠାରୁ ଉଚ୍ଚତମ ଶିଖରକୁ ନେବା ପାଇଁ ପ୍ରୟାସ କରିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-08
15001/13/0011/2223





ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

ଓଡ଼ିଆମାନଙ୍କ ଅସ୍ମିତାର ପର୍ବ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କର ସୁଖ-ସମୃଦ୍ଧି କାମନା କରୁଛି ।

ଓଡ଼ିଶାର ମହାନ ଐତିହ୍ୟ, ସମୃଦ୍ଧ ପରମ୍ପରା ଏବଂ ଅନନ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖୁଥିବା ବିଭିନ୍ନ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରା ମଧ୍ୟରୁ ମହାବିଷୁବ ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ।

ବିକାଶଧାରାରେ ସାମିଲ ହୋଇ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଏହି ପବିତ୍ର ଦିବସରେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-08
15001/13/0011/2223










# ଟି ଟାଇମ୍


# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟର ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତ୍ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜର ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକ୍ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡ୍ କରିଥିଲେ।

# ପୁରାଣ କାହାଣୀ

# ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତୀର୍ଥ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ। ସନ୍ଥ ସମାଗମ ହେଲା, ଚର୍ଚ୍ଚା ଚାଲିଲା। ତପସ୍ୱିନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ। ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର। ଏଥିରେ ଆମକୁ ଯାଂଚ କରିପାରିବ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡେ଼ଇଲେ। ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ, ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା। କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା। ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ। ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା। ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି। ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ। ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି। ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ। ସନ୍ଥ ନାମଦେବ ବୁଝିପାରିଲେ। ନିଜ ଭିତରେ ଅହଂକାର ମରିଗଲା। ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା। ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା। ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା। ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି। ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି। ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି। ଓସଟାନାର ଲୋକସଂଖ୍ୟା ୮୪। ଏବେ ଏହି ସଂଖ୍ୟା ୮୫ ହୋଇଛି। ପିଡ୍‌ମଂଟ ଅଂଚଳରେ ପାହାଡ଼ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି। ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି। ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ। ଧୀରେ ଧୀରେ ଜନସଂଖ୍ୟା କମିଲା। ୧୯୭୫ରେ ଜନ୍ମହାର ବହୁତ କମିଲା। ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ। ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି। ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି। ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ। ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ। ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ। ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ। ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ। ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ। ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା। ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି। କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ। ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି। ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି। କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି। ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି। ଏହା କେଶରେ ୱିଗ୍ ତିଆରି କରି କର୍କଟ




ରୋଗୀଙ୍କୁ ଦିଆଯିବ। କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟଉ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪



ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୧୪

# ପଞ୍ଚ ବଦନାୟ ନମୋ ନମଃ...



'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଳ୍କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍



ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ; କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆବିର୍ଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତାଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ। ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ। ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ। କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ। ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି। କପିମୁଖ ହନୁମାନଙ୍କ ପୂଜା ଆରାଧନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଲେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ୍ୟ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି। କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ। ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।

**-ନାଟ୍ୟସାରଥି ଅଭୟ କୁମାର ଦାସ**

*ଗୋଡରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଉତ୍କଳୀୟ ନବବର୍ଷ: ମହାବିଷୁବ ସଂକ୍ରାନ୍ତି

ବିପିନବିହାରୀ ମହାନ୍ତି



ସୂର୍ଯ୍ୟ ସ୍ଥିର। ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି; ଅଥଚ ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ଆମେ ସୌରବର୍ଷ ଗଣନା କରୁଛୁ। ସୂର୍ଯ୍ୟଙ୍କର ଅବାସ୍ତବ ଗତିପଥକୁ ସୌର ପଥ କୁହନ୍ତି। ଏହି ପଥ ସଂପୂର୍ଣ୍ଣ ବୃତ୍ତାକାର ନ ହୋଇ ଉପବୃତ୍ତାକାର ବା ଅଣ୍ଡାକାର ଅଟେ। ଏହି ଅଣ୍ଡାକାର ପଥ ରାଶି ଦୃଷ୍ଟିରୁ ବାର ଭାଗ ଅଟନ୍ତି ଏବଂ ପଦ ଦୃଷ୍ଟିରୁ ଚାରିପଦ ଅଟନ୍ତି। ଏମାନେ ବିଷ୍ଣୁପଦ ଭାବେ ନାମିତ। ଏହି ପଦଗୁଡ଼ିକ ମାର୍ଚ୍ଚ ୨୧, ଜୁନ୍ ୨୧, ସେପ୍ଟେମ୍ବର ୨୩ ଏବଂ ଡ଼ିସେମ୍ବର ୨୨ ସହିତ ସମ୍ପର୍କିତ। ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ଦିନ ସୂର୍ଯ୍ୟ ବିଷୁବ ପଦ ବା ବିଷୁବରେଖା ଉପରେ ଅବସ୍ଥାନ କରୁଥିବାରୁ ଏହି ଦିନ ପୃଥିବୀର ସର୍ବତ୍ର ଦିବାରାତ୍ର ସମାନ ରୁହେ। ଅର୍ଥାତ୍ ସୂର୍ଯ୍ୟ ସକାଳ ୬ଟାରେ ଉଦୟ ହୋଇ ସଂଧ୍ୟା ୬ଟାରେ ବୁଡ଼ନ୍ତି। ମାର୍ଚ୍ଚ ୨୧ ତାରିଖକୁ ବାସନ୍ତୀକା ବିଷୁବ ବା ମହାବିଷୁବ କୁହାଯାଏ କାରଣ ଏହା ପ୍ରାୟତଃ ବସନ୍ତ ଋତୁରେ ପଡ଼େ। ସେପ୍ଟେମ୍ବର ୨୩କୁ ଶାରଦୀୟ ବା ଜଳ ବିଷୁବ କୁହନ୍ତି। ମହାବିଷୁବ ବା ଜଳବିଷୁବ ନିରକ୍ଷ ବୃତ୍ତ ଏବଂ କ୍ରାନ୍ତିବୃତ୍ତର ଗୋଟିଏ ଗୋଟିଏ ଛେଦବିନ୍ଦୁ। କ୍ରାନ୍ତି କହିଲେ ଗ୍ରହମାନଙ୍କର ଗତିପଥକୁ ବୁଝାଏ।

ମାର୍ଚ୍ଚ ୨୧ ତାରିଖଠାରୁ ସୂର୍ଯ୍ୟଙ୍କର ବିଷୁବ ରେଖାରୁ ଉତ୍ତର ଦିଗକୁ ଗତିହୁଏ ଏବଂ ଜୁନ୍ ୨୧ରେ ଯେଉଁ କାଳ୍ପନିକ ବିନ୍ଦୁ ଉପରେ ଅବସ୍ଥାନ କରନ୍ତି ତାକୁ କର୍କଟ କ୍ରାନ୍ତି କୁହନ୍ତି। ସେହିଠାରୁ ପୁଣି ଦକ୍ଷିଣାୟନ ଗତି ଆରମ୍ଭ ହୁଏ ବିଷୁବରେଖା ଆଡ଼େ ଏବଂ ସେପ୍ଟେମ୍ବର ୨୩ରେ ସୂର୍ଯ୍ୟ ପୁନର୍ବାର ବିଷୁବରେଖା ଉପରେ ଅବସ୍ଥାନ କରନ୍ତି ଓ ପୁନର୍ବାର ଦିନରାତି ସର୍ବତ୍ର ସମାନ ରୁହେ। ଏହା ପରଠୁ ପୁଣି ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଡିସେମ୍ବର ୨୨ ଯାଏଁ। ତୁଳା ସଂକ୍ରାନ୍ତି ଦିନ ଠାରୁ ପୁଣି ସୂର୍ଯ୍ୟଙ୍କର ଫେରନ୍ତା ଗତି ବିଷୁବ ରେଖାକୁ ଏବଂ ୨୧ ମାର୍ଚ୍ଚ ଦିନ ପୁନଶ୍ଚ ଦିବାରାତ୍ର ସମାନ।

ସଂକ୍ରାନ୍ତି ଘରକୁ ଧରି ୧୨ ରାଶିକୁ ୪ଭାଗରେ ବିଭକ୍ତ କରାଯାଇଛି। ଯଥା ବିଷୁବ : ମେଷ ଓ ତୁଳା, ଅୟନ : କର୍କଟ ଓ ମକର, ଷଡ଼ଶୀତି : ମିଥୁନ, କନ୍ୟା, ଧନୁ ଓ ମୀନ, ଏବଂ ବିଷ୍ଣୁପଦୀ : ବୃଷ, ସିଂହ, ବିଛା ଓ କୁମ୍ଭ। 'ଅୟନ' କହିଲେ ନିର୍ଦ୍ଦିଷ୍ଟ ବିନ୍ଦୁର କୌଣସି ସ୍ଥାନକୁ ଗତି। ଜୁନ ୨୧ରେ ସୂର୍ଯ୍ୟ କର୍କଟ କ୍ରାନ୍ତି ଓ ଡିସେମ୍ବର ୨୨ରେ ମକର କ୍ରାନ୍ତି ଉପରେ ଅବସ୍ଥାନ କରନ୍ତି। ଏହି ଦିନଗୁଡ଼ିକରେ ଯଥାକ୍ରମେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ଦିନବଡ଼ ଏବଂ ବିପରୀତ କ୍ରମେ ଗତି ଅବସ୍ଥାନ ନେଇ ରାତି ଛୋଟ।

ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ଦିନ ପାଳନ କରାଯାଏ । ଏହି ଦିବସଟିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ । ବୈଶାଖ ମାସରେ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରିବା ଦିନୁ ନବବର୍ଷ ଗଣନା ଆରମ୍ଭ ହୁଏ । ସଂକ୍ରାନ୍ତି ଏକ ପବିତ୍ର ଦିବସ। ଏହିଦିନ ବ୍ରତ, ଉପବାସ ଏବଂ ଦାନ ଧର୍ମ କଲେ ପୁଣ୍ୟଫଳ ମିଳେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ସବୁ ସଂକ୍ରାନ୍ତି ଅପେକ୍ଷା ମହାବିଷୁବ ସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂର୍ଯ୍ୟପୂଜନର ଏକ ମାହେନ୍ଦ୍ର ମୁହୂର୍ତ୍ତ। ଆମେ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରୁ :

ହେ ସୂର୍ଯ୍ୟଦେବ! ଆଜି ଉଦୟ ହେବା ସଂଗେ ସଂଗେ ଆପଣ ଆମକୁ ନିଷ୍ପାପ କରି ଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମିନ୍ (ଦାତା)! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ୍! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ।

*ଭାସ୍କରାୟ ବିଦ୍ମହେ ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ ପ୍ରଚୋଦୟାତ୍। (ଗାୟତ୍ରୀ)।*

ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉତ୍ତରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘଣ୍ଟ ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବ ନିୟନ୍ତା ସର୍ବ ପ୍ରାଣ ଏବଂ ସର୍ବକର୍ତ୍ତା ମହିମମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ ! କି ମନ୍ଦିର! କି ହିନ୍ଦୁଗୃହ ଚଳ ଚଂଚଳ ହୋଇଉଠେ। ନୂତନ ପୋଷାକ ପରିଧାନ ପୂର୍ବକ ଆମେ ତାଙ୍କୁ ସ୍ୱାଗତ କରୁ।

## ପଣା ସଂକ୍ରାନ୍ତି, ଓଡ଼ିଆ ନୂଆବର୍ଷର ଅଶେଷ ଶୁଭେଚ୍ଛା






ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କଞ୍ଚା ଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍‌ମିସ୍, ସାକରକନ୍ଦ ଏବଂ ଅନେକ କିଛି। ଏହି ଅବସରେ ଓଡ଼ିଆମାନେ ଠାକୁରଙ୍କ ପାଖେ ଓ ଚଉରାମୂଳେ ଉପରୋକ୍ତ ପ୍ରସ୍ତୁତ ପଣା ଏବଂ ଛତୁଆ ପ୍ରସାଦ ଅର୍ପଣ କରନ୍ତି। ଏହି ଦିନ ସାଂଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସଂଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଂଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ।



ପଦ୍ମପୁରାଣ, ସ୍କନ୍ଦ ପୁରାଣ, ମତ୍ସ୍ୟ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଜ୍ୟୋତି ଏବଂ ଆୟୁର୍ବେଦ ଶାସ୍ତ୍ରମାନଙ୍କରେ ମଧ୍ୟ ମହାବିଷୁବ ସଂକ୍ରାନ୍ତିର ପ୍ରଶସ୍ତିଗାନ କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ଚିକିତ୍ସା ସଂପର୍କରେ ଲେଖାଅଛି :

*ମସୁରଂ ନିମ୍ବପତଂ ଚ ଯୋଽଭି ମେଷଗତେରବୌ*
*ଅତି ରୋଷାନ୍ୱିତସ୍ତସ୍ୟ ତକ୍ଷକଃ କିଂ କରିଷ୍ୟତି ॥*

ଅର୍ଥାତ୍ ମେଷ ସଂକ୍ରାନ୍ତି (ମହାବିଷୁବ) ଦିନ ସମପରିମାଣ ମସୁର ଓ ନିମ୍ବପତ୍ର ଚୋବାଇ ଖାଇଲେ, ବର୍ଷେଯାଏ ବିଷାକ୍ତ ସର୍ପର ଦଂଶନକୁ ରୋକିବାର ଶକ୍ତି ଲାଭ ହୁଏ।

ମହାବିଷୁବ (ବାସନ୍ତୀକା) ସଂକ୍ରାନ୍ତିକୁ ଓଡ଼ିଶାରେ ପଣାସଂକ୍ରାନ୍ତି କୁହନ୍ତି । ଏହି ପର୍ବ କେବଳ ଓଡ଼ିଶାର ଗର୍ବ ନୁହେଁ; ଏହା ଏକ ଜାତୀୟ ଆନ୍ତର୍ଜାତୀୟ ପର୍ବ ଅଟେ । ଓଡ଼ିଶା ପରି ପଞ୍ଜାବ, ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ପ୍ରଭୃତି ରାଜ୍ୟରେ ଏହି ଦିବସଟିକୁ ନୂଆବର୍ଷ ରୂପେ ପାଳନ କରନ୍ତି । ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ ଏହି ଦିବସଟିକୁ ନୂଆବର୍ଷ ରୂପେ ପାଳନ କରନ୍ତି । ବୌଦ୍ଧଧର୍ମ ଭାରତରୁ ଏସିଆର ବିଭିନ୍ନ ଦେଶକୁ ପ୍ରସାରିତ ହୋଇଥିଲା । ତେଣୁ ଶ୍ରୀଲଙ୍କା, ନେପାଳ, ମିଆଁମାର, କାମ୍ବୋଡିଆ, ଥାଇଲାଣ୍ଡ ଇତ୍ୟାଦି ରାଷ୍ଟ୍ରରେ ମହାବିଷୁବ ସଂକ୍ରାନ୍ତିକୁ ନବବର୍ଷ ଭାବେ ପାଳନ କରନ୍ତି । ସ୍ଥାନ ଭେଦରେ ଏହାର ନାମ ଭିନ୍ନ ଭିନ୍ନ । ପଶ୍ଚିମବଙ୍ଗ ଓ ପଡ଼ୋଶୀ ବଙ୍ଗଳା ଦେଶରେ ଏହା ପହେଲା ବୈଶାଖ, କେରଳରେ 'ବିଶୁ', ଆସାମରେ 'ରଙ୍ଗାଲି ବିହୁ', ଉତ୍ତର ଭାରତରେ 'ଛତୁଆ ସଂକ୍ରାନ୍ତି', ପଞ୍ଜାବରେ 'ବୈଶାଖୀ', ମଣିପୁରରେ 'ଚୈରୋବା', ତାମିଲନାଡୁରେ 'ମୋସାତି ବା ବୃଷାପରିଛୁ', ନେପାଳରେ 'ବିକ୍ରମ ସମ୍ବତ୍', ଶ୍ରୀଲଙ୍କାରେ 'ଅଲୁଥଅଭୁରୁଥ', ଥାଇଲାଣ୍ଡରେ 'ସଙ୍ଗକାନ୍', କାମ୍ବୋଡ଼ିଆରେ 'ଚୋଲଚନମ' ଓ ମିଆଁମାରରେ 'ଥିଙ୍ଗାନ' ନାମରେ ନାମିତ ଅଟେ ।

ଏହି ଦିବସର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ ଏହି ଦିବସଟି ହନୁମାନଙ୍କର ଜନ୍ମଜୟନ୍ତୀ । ହନୁମାନ ହେଉଛନ୍ତି ଜ୍ଞାନର ସାଗର । ସେ ହେଉଛନ୍ତି ରାମଦୂତ, କାଳଂଜୟୀ । ତାଙ୍କ ନାମ ନେଲେ ଭୂତ କି ପିଶାଚ ନିକଟ ମାଡ଼ନ୍ତି ନାହିଁ । ସେ ଅଞ୍ଜନା ଓ କେଶରୀଙ୍କ ସୁତ, ପବନ ସୁତ । ସେ ମଧ୍ୟ ଶିବ ସ୍ୱରୂପ । ସେ ବିଦ୍ୟାବାନ ଓ ଗୁଣୀ । ସେ ସଙ୍କଟମୋଚନ । ସେ ନିଜେ ଭକ୍ତ ଓ ଭକ୍ତବତ୍ସଳ । ସେ ମଙ୍ଗଳମୟ । ତାଙ୍କର ନାମ ଜପ କଲେ ସକଳ ବ୍ୟାଧି ନାଶ ହୁଏ । ଏଣୁ ଏ ଦିବସଟି ମଧ୍ୟ ପଣା ସଂକ୍ରାନ୍ତି ଅବସରେ ହନୁମାନ ଜୟନ୍ତୀ ଭାବେ ମହାଡ଼ମ୍ବରରେ ପାଳିତ ହୁଏ ।

ଓଡ଼ିଶା ନବବର୍ଷ ଏହି ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜିପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କର ସଂପର୍କ ଏକାକାର ହେତୁ ଓଡ଼ିଶାରେ ନିଆଁରେ ଚାଲିବା ଝାମୁଯାତ୍ରା, ଦଣ୍ଡନୃତ୍ୟ, ଘଣ୍ଟ ପାଟୁଆ ଏଂ ଆଦିବାସୀ ପରମ୍ପରାରେ 'କେଡ଼' ଓ ଝଙ୍ଗଡ଼ି ପର୍ବ ସାନ୍ତାଳମାନଙ୍କର ପାଟ ପର୍ବ ଓ ଶିକାର ପର୍ବ ଇତ୍ୟାଦି ସୂର୍ଯ୍ୟଙ୍କ ସମର୍ପିତ ପର୍ବ। ଏହା ଓଡ଼ିଶାର ପରମ୍ପରା ଓ ସଂସ୍କୃତିର ଏକ ଆନନ୍ଦ ଓ ଉଲ୍ଲାସର ଦିନ ତଥା ହିନ୍ଦୁମାନଙ୍କର ଏକ ମହାନ ପର୍ବ।

*-ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ସମାଜ ସଂସ୍କାରକ ଡ. ଆମ୍ବେଦକର

ସର୍ବେଶ୍ୱର ବେହେରା



ଡ. ଭୀମରାଓ ଆମ୍ବେଦକର ଜଣେ ଉଚ୍ଚକୋଟୀର ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜନୈତିକ ନେତା ଓ ଅର୍ଥନୀତିଜ୍ଞ ଥିଲେ । ସେ ମୁମ୍ବାଇସ୍ଥିତ ଏଲ୍‌ଫିଷ୍ଟନ କଲେଜରୁ ବି.ଏ, କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଏମ୍.ଏ ଓ ପିଏଚ.ଡି, ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ଏମ୍.ଏସସି ଓ ଡି.ଏସସି (ବାର ଆଟ ଲ ବା ବାରିଷ୍ଟର) ହାସଲ କରିଥିଲେ। ତାଙ୍କର ଡକ୍ଟରେଟର ଥେସିସ୍ ଥିଲା 'ଆଡମିନିଷ୍ଟ୍ରେସନ ଆଣ୍ଡ ଫାଇନାନ୍ସ ଅଫ ଇଷ୍ଟ ଇଣ୍ଡିଆ କମ୍ପାନୀ'; ଯେଉଁଥିରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀ କିପରି ଭାରତକୁ ଲୁଟ ଓ ଶୋଷଣ କରୁଥିଲା ସେ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ସେହିପରି ଅନ୍ୟ ଏକ ଥେସିସର ଶୀର୍ଷକ ଥିଲା- 'ପ୍ରୋବ୍ଲେମ୍ ଅଫ ରୁପି'। ଏଥିରେ ମଧ୍ୟ ଇଂରେଜମାନେ ଭାରତର ଅର୍ଥନୀତିକୁ କିପରି ଧରାଶାୟୀ କରିଥିଲେ ତା'ର ବିଶଦ ବର୍ଣ୍ଣନା କରିଛନ୍ତି। ସ୍ୱାଧୀନତା ଆନ୍ଦୋଳନର ତତ୍କାଳୀନ ସମୟରେ କେବଳ ତିନିଜଣ ଅର୍ଥନୀତିଜ୍ଞ ଇଂରେଜମାନଙ୍କ ଭାରତର ଶୋଷଣ ନୀତିକୁ ନିଜର ଲେଖନୀ ମୁନରେ ଶାଣିତ କରିଥିଲେ। ପ୍ରଥମରେ ଶ୍ରୀ ଦାଦା ଭାଇ ନାରୋଜୀ (୧୮୨୫-୧୯୧୭) 'ପଭର୍ଟି ଅଫ ଇଣ୍ଡିଆ' ପୁସ୍ତକ ୧୮୭୩ରେ ରଚନା କରିଥିଲେ। ଦ୍ୱିତୀୟରେ ଶ୍ରୀ ରମେଶ ଚନ୍ଦ୍ର ଦତ୍ତ (୧୮୪୮-୧୯୦୯) 'ଦି ଇକୋନୋମିକ୍ସ ହିଷ୍ଟ୍ରି ଅଫ ଇଣ୍ଡିଆ' ୧୮୯୩ରେ ରଚନା କରିଥିଲେ। ତୃତୀୟରେ ଡ. ଆମ୍ବେଦକର ଇଂରେଜ-ମାନଙ୍କର ଭାରତକୁ ଶୋଷଣ କରିବା ଅର୍ଥନୀତିକୁ ନିଜର ଲେଖା ମାଧ୍ୟମରେ ପ୍ରବଳ ବିରୋଧ କରିଥିଲେ। ଶ୍ରୀ ଦାଦାଭାଇ ନାରୋଜୀ ଓ ଶ୍ରୀ ରମେଶ ଚନ୍ଦ୍ର ଦତ୍ତ ଅର୍ଥନୀତିଜ୍ଞ ଥିଲେ, କିନ୍ତୁ ଡ. ଆମ୍ବେଦକର ରାଜନୀତିଜ୍ଞ ସହିତ ଅର୍ଥନୀତିଜ୍ଞ ଥିଲେ। ଡ. ଆମ୍ବେଦକର ୧୯୨୦ ମସିହାରେ 'ମୂକନାୟକ' ନାମକ ପାକ୍ଷିକ ପତ୍ରିକା ଆରମ୍ଭ କରିଥିଲେ। ୧୯୨୭ ମସିହାରେ ସେ 'ବହିଷ୍କୃତ ଭାରତ' ନାମକ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ। ସେହି ବର୍ଷ ସେ 'ଜନତା' ନାମକ ସାପ୍ତାହିକ ପତ୍ରିକା ମଧ୍ୟ ଆରମ୍ଭ କରିଥିଲେ, ଯାହାର ନାମ ସେ ୧୯୫୬ ମସିହାରେ ପରିବର୍ତ୍ତନ କରି 'ପ୍ରବୁଦ୍ଧ-ଭାରତ' ରଖିଥିଲେ। ପ୍ରକାଶ ଥାଉକି ସ୍ୱାମୀ ବିବେକାନନ୍ଦ ୧୮୯୬ ମସିହାରେ ଯେଉଁ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ, ତାହାର ନାମ ମଧ୍ୟ 'ପ୍ରବୁଦ୍ଧ ଭାରତ' ଥିଲା। ବୋଧହୁଏ ଦୁଇଜଣଙ୍କ ମନରେ ଭାରତ ଜାଗରଣର ଭାବନା ସମାନ ଥିଲା। ସକ୍ରିୟ ରାଜନୀତିରେ ଲିପ୍ତ ରହି ସମ୍ବାଦପତ୍ର ପରିଚାଳନା କରି ସେଥିରେ ନିଜର ନିୟମିତ ଲେଖା ପ୍ରକାଶନ କରିବାର ବିରଳ ବ୍ୟକ୍ତିତ୍ୱ ଆମ୍ବେଦକରଙ୍କଠାରେ ଥିଲା। ଡ. ଆମ୍ବେଦକର 'ମୂକ ନାୟକ' ପତ୍ରିକା ପ୍ରକାଶନ କରିବାର ଯଥାର୍ଥତା ପ୍ରତିପାଦନ କରି ୧୯୨୦, ଜାନୁଆରୀ ୩୦ ତାରିଖର ସମ୍ପାଦକୀୟରେ ଉଲ୍ଲେଖ କରିଥିଲେ ଯେ 'ଦେଶର ଅସ୍ପୃଶ୍ୟ ସମାଜ ନାୟକ ବା ସେମାନେ ହିରୋ, କିନ୍ତୁ ସେମାନେ ମୂକ। ଦୀର୍ଘଦିନ ଧରି ଅବହେଳାର ଶିକାର ହୋଇ ସେମାନେ ଆଜି ମୂକ ପାଲଟିଛନ୍ତି। ଏହି 'ମୂକ ନାୟକ' ପତ୍ରିକାରେ ସେମାନଙ୍କ ସ୍ୱର ଦୃଢ଼ ଓ ମୁଖର ହୋଇ ଉଠିବ। ୧୯୨୦ ମସିହାରେ କଂଗ୍ରେସର ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହୋଇଥିଲା। କଂଗ୍ରେସର ସମସ୍ତ ନେତାମାନେ ସ୍ୱରାଜ ଆନ୍ଦୋଳନରେ ଲିପ୍ତ ଥିଲେ। ସେହି ସମୟରେ ୧୯୨୦ ଫେବୃଆରୀ ୨୮ ତାରିଖରେ ଡ. ଆମ୍ବେଦକର 'ମୂକ ନାୟକ' ପତ୍ରିକାରେ ସ୍ୱରାଜ୍ୟ ସମ୍ବନ୍ଧରେ ଏକ ସୁନ୍ଦର ଲେଖା ପ୍ରକାଶ କରିଥିଲେ। ସ୍ୱରାଜ୍ୟ ଆମ ପାଇଁ କେତେଦୂର ଯଥାର୍ଥ? କାରଣ ଆମ ପରି



ଅସ୍ପୃଶ୍ୟ ଜାତିର ଲୋକମାନଙ୍କ ସମ୍ପର୍କ ସ୍ୱରାଜ୍ୟ ସହିତ ନାହିଁ। ସ୍ୱରାଜ୍ୟ ଆସିଲେ ଆମେ କ'ଣ ସମାଜର ମୁଖ୍ୟଧାରାରେ ସାମିଲ ହୋଇପାରିବା? କଂଗ୍ରେସ ସ୍ୱରାଜ୍ୟର ଦାବି ଉପସ୍ଥାପନ କରିବା ସମୟରେ ଆମ ପରି ଅସ୍ପୃଶ୍ୟ ସମାଜକୁ ଘୋର ଅବହେଳା କରୁଛି। ଡ. ଆମ୍ବେଦକର ଏହି ଲେଖାରେ ସ୍ୱରାଜ୍ୟ ନିମିତ୍ତ ୯ଟି ସୂତ୍ର ଉପସ୍ଥାପନ କରିଥିଲେ। ୧. ବ୍ୟକ୍ତି ସ୍ୱାଧୀନତା, ୨. ବ୍ୟକ୍ତିର ସୁରକ୍ଷା, ୩. ବ୍ୟକ୍ତି ନିଜର ସମ୍ପତ୍ତି ରକ୍ଷା କରିବା ଅଧିକାର, ୪. ଆଇନ ଅଧୀନରେ ସମସ୍ତେ ସମାନ, ୫. ବାକ୍ ସ୍ୱାଧୀନତା, ୬. ସମସ୍ତଙ୍କୁ ଭୋଟ ଦେବାର ଅଧିକାର, ୭. ସଭା ସମିତି କରିବାର ସ୍ୱାଧୀନ ଅଧିକାର, ୮. ସରକାର ଗଠନ କରିବାରେ ନିଜର ପ୍ରତିନିଧି ବାଛିବାର ଅଧିକାର, ୯. ସରକାରୀ ଚାକିରି ହାସଲରେ ସମାନତା। ୧୯୨୦ ଜୁନ ୫ ତାରିଖ ସମ୍ପାଦକୀୟରେ ନିଜର କ୍ଷୋଭକୁ ପ୍ରତିପାଦନ କରି ସେ ଉଲ୍ଲେଖ କରିଥିଲେ- ''ସମସ୍ତ ଭାରତବାସୀ ଭଗବାନଙ୍କୁ ପୂଜା ଓ ଆରାଧନା କରନ୍ତି। ଏହି ପୂଜାରେ ଅସମାନତା ନାହିଁ। ସମସ୍ତେ ମନର ଶାନ୍ତି ପାଇଁ ବିଭିନ୍ନ ଉପାସନା ମାଧ୍ୟମରେ ଭଗବାନଙ୍କୁ ଆରାଧନା କରିଥାଆନ୍ତି। ଯଦି ଭଗବାନଙ୍କ ଚକ୍ଷୁରେ ସମସ୍ତେ ସମାନ, ତେବେ ସବର୍ଣ୍ଣମାନେ ଅସବର୍ଣ୍ଣମାନଙ୍କ ଉପରେ ଏପରି ପଶୁତୁଲ୍ୟ ଆଚରଣ କାହିଁକି କରୁଛନ୍ତି? ଏପରି ଅନ୍ୟାୟକୁ ଭଗବାନ କିପରି ସହ୍ୟ କରୁଛନ୍ତି? ଆମେ କ'ଣ ମନୁଷ୍ୟ ନୋହୁଁ ? ଆମେ ମଧ୍ୟ ମାଉଙ୍ଗ ଋଷି, ସନ୍ଥ ରହୀଦାସ ଓ ଚୋଖମେଳାଙ୍କ ବଂଶଜ। ଆମର ବଂଶ ପରମ୍ପରା ସମାନ। ତେବେ ଭଗବାନ କାହିଁକି ଏହି ଅନ୍ୟାୟ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦଣ୍ଡବିଧାନ କରୁନାହାନ୍ତି?'' ୧୯୨୭ ମସିହାରେ ସେ ବହିଷ୍କୃତ ଭାରତ ପତ୍ରିକାରେ ଅସ୍ପୃଶ୍ୟତା ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ସମ୍ପାଦକୀୟକୁ ଚାରିଟି ଭାଗରେ ବିଭକ୍ତ କରାଯାଇପାରେ। ୧. ହିନ୍ଦୁତ୍ୱର ଦର୍ଶନ, ୨. ଅସ୍ପୃଶ୍ୟତା ଓ ବର୍ଣ୍ଣ ବ୍ୟବସ୍ଥା, ୩. ଅସ୍ପୃଶ୍ୟମାନଙ୍କର ଆର୍ଥିକ ସମସ୍ୟା, ୪. ଅସ୍ପୃଶ୍ୟମାନଙ୍କର ରାଜନୈତିକ ଅଧିକାର। ୧୯୨୭ ଏପ୍ରିଲ ୨୨ ତାରିଖରେ ବହିଷ୍କୃତ ସମାଜରେ ଏହି ଚାରୋଟି ବିଷୟରେ ଉଲ୍ଲେଖ କରି ହିନ୍ଦୁତ୍ୱରେ ଥିବା ରୋଗର ନିଦାନ କରିଥିଲେ। ସେ ଲେଖିଥିଲେ ହିନ୍ଦୁତ୍ୱ ଦର୍ଶନରେ ସମାନତା ଅଛି, ଯାହା ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମରେ ନାହିଁ। ହିନ୍ଦୁତ୍ୱ ଦର୍ଶନରେ ଆମେ ସମସ୍ତେ ଅମୃତର ସନ୍ତାନ ଦର୍ଶାଯାଇଛି। 'ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି' ଓ 'ସର୍ବେ ଭବନ୍ତୁ ସୁଖୀନଃ'ର ଦର୍ଶନ କେବଳ ହିନ୍ଦୁତ୍ୱରେ ରହିଛି। କେହି ଉଚ୍ଚ-ନୀଚ ନୁହେଁ, ସମସ୍ତେ ସମାନ। ଯଦି ଆମର ଦର୍ଶନ ଏତେ ମହାନ ତେବେ ଆମର ଆଚରଣ କାହିଁକି ଏତେ ନୀଚ? ଆମର ଦର୍ଶନ ଓ ଆଚରଣରେ ଏପରି ପାର୍ଥକ୍ୟ କାହିଁକି ପରିଲକ୍ଷିତ ହେଉଛି? ଅସ୍ପୃଶ୍ୟତା ଏକ କଳଙ୍କ, ଆମେ ସମସ୍ତେ ଏହାକୁ ସମୂଳେ ଉତ୍ପାଟନ କରିବା ଆବଶ୍ୟକ। ଡ. ଆମ୍ବେଦକର ୧୯୧୬ ମସିହାରେ 'କାଷ୍ଟ ଇନ ଇଣ୍ଡିଆ' ନାମକ ଏକ ଗବେଷଣାମୂଳକ ଲେଖା ପ୍ରକାଶ କରିଥିଲେ। ସେଥିରେ ଦଳିତ ସମସ୍ୟାର ଉତ୍ପତ୍ତି କିପରି ହୋଇଥିଲା, ଏହା କିପରି ସମାଜରେ ବ୍ୟାପିଥିଲା ଓ ତା'ର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଉଲ୍ଲେଖ କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ଯେ ଏହା ଆର୍ଯ୍ୟ, ଦ୍ରାବିଡ଼ ଓ ଅନାର୍ଯ୍ୟ ସମସ୍ୟା ନୁହେଁ। ସବର୍ଣ୍ଣମାନେ ଯଦି ହିନ୍ଦୁ ସନାତନ ସଂସ୍କୃତି ଆଧାରରେ ଆଚରଣ କରିବେ ତେବେ ଏହାର ସମାଧାନ ହେବ। ସେହିପରି ୧୯୩୬ ମସିହାରେ ସେ 'ଆନିହିଲେସନ ଅଫ କାଷ୍ଟ' ନାମକ ପୁସ୍ତକ ରଚନା କରିଥିଲେ। ସେଥିରେ ସେ ବିଶଦ ଭାବେ ଉଲ୍ଲେଖ କରିଥିଲେ ଯେ ଭାରତରେ ଜାତିପ୍ରଥା ଉନ୍ମୂଳନ କରିବାକୁ ହେଲେ ସମସ୍ତଙ୍କୁ ଆନ୍ତରିକତାର ସହ ପ୍ରଚେଷ୍ଟା କରିବାକୁ ହେବ। ୧୯୪୬ ମସିହାରେ ସେ 'ହୁ ଓ୍ୱାର ଶୂଦ୍ରସ୍' ନାମକ ପୁସ୍ତକ ରଚନା କରି ସେଥିରେ ସେ ଚାରିବର୍ଣ୍ଣର ସୃଷ୍ଟିର ଆଧାର ଓ ଶୂଦ୍ରମାନଙ୍କର କିପରି ଉତ୍ପତ୍ତି ହେଲା ସେ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଏହିପରି ସେ ୧୯୧୬ରୁ ୧୯୪୬ ମସିହା ୩୦ ବର୍ଷ ପର୍ଯ୍ୟନ୍ତ ଗଭୀର ଚିନ୍ତନ-ମନନ କରି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଦଳିତ ସମସ୍ୟା କୌଣସି ଆର୍ଯ୍ୟ-ଦ୍ରାବିଡ଼ ସମସ୍ୟାରୁ ଜାତ ହୋଇନାହିଁ। ଭାରତୀୟ ସମାଜର ମାନସ ପରିବର୍ତ୍ତନ ହେବା ଆବଶ୍ୟକ। ଆମ ଦଳିତ ବନ୍ଧୁମାନଙ୍କୁ 'ଡିପ୍ରେସଡ଼ କ୍ଲାସ' କହିବା ପରିବର୍ତ୍ତେ 'ପ୍ରୋଟେଷ୍ଟାଣ୍ଟ ହିନ୍ଦୁ' କିମ୍ବା 'ନନ୍-କାଷ୍ଟ ହିନ୍ଦୁ' କିମ୍ବା 'ନନ୍ -କନଫରମିଷ୍ଟ ହିନ୍ଦୁ' କହିବା ଆବଶ୍ୟକ। ହିନ୍ଦୁ ସମାଜ ଦ୍ୱାରା ଦଳିତମାନଙ୍କ ଉପରେ ଅତ୍ୟାଚାର ନିଜେ ସହ୍ୟ କରି ସେଥିପାଇଁ ଆନ୍ଦୋଳନ କରି, ବହୁ ଲେଖା ଓ ପୁସ୍ତକ ରଚନା କରିବା ସହିତ ସେ ହିନ୍ଦୁ ସମାଜରେ ଥିବା ଦୋଷ-ତ୍ରୁଟିର ସୁଧାର ପାଇଁ ବହୁ ପ୍ରଚେଷ୍ଟା କରିଥିଲେ। ହିନ୍ଦୁ ସମାଜ ବିରୁଦ୍ଧରେ ସେ କୌଣସିଠାରେ ସ୍ୱର ଉତ୍ତୋଳନ କରିନାହାନ୍ତି। ଶେଷରେ ସେ ୧୯୫୬ ମସିହାରେ ନିଜେ ବହୁ ସଂଖ୍ୟାରେ କୌଣସି ମୌଳବାଦୀ ଧର୍ମରେ ଦୀକ୍ଷିତ ନ ହୋଇ ବୌଦ୍ଧଧର୍ମକୁ ସ୍ୱୀକାର କରିଥିଲେ।

*-ଆଡଭୋକେଟ ଖଟବିନ ସାହି, କଟକ ମୋ-୯୪୩୭୦୧୬୩୮୪*



# ମୋ ଗାଁ

## ଉତ୍କଳୀୟ ସାମାଜିକତା: ମହାବିଷୁବସଂକ୍ରାନ୍ତି

ଆମ ପ୍ରିୟ ପୂଣ୍ୟମାଟି ଉତ୍କଳ ଉତ୍କୃଷ୍ଟ କଳା ର ଦେଶ ।ଏତତ୍ ସହିତ ଏକ ପ୍ରମୂଖ ଆଧ୍ୟାତ୍ମିକ ପୀଠସ୍ଥଳୀ ରୂପେ କେଉଁ ଆଦିମ କାଳରୁ ପ୍ରସିଦ୍ଧି ଅର୍ଜନ କରିଛି ।ଉତ୍କଳୀୟ ର ଧର୍ମଭାବନା ଓ ଚେତନାରେ ଏକ ଦୃଢ ସାଂସ୍କୃତିକ ଏବଂ ବିଜ୍ଞାନସମ୍ମତ ଭାବଧାରା ଜନସମାଜପାଇଁ ଦୃଷ୍ଟିଗୋଚ୍ର ହୁଏ ।ବାର ମାସରେ ତେରପର୍ବର ପାଳନ ଏକ ମହାନସଂସ୍କୃତି ଓ ଐତିହ୍ୟ ର ପରିଚ୍ାୟକ ଅଟେ। ଓଡିଶାର ଗ୍ରାମ୍ୟ ଓ ସହରୀ ସାମାଜିକ କର୍ମକ୍ଲାନ୍ତ ଜୀବନରେ ଆନନ୍ଦର ସଂଚ୍ାର କରିବା ସହ ସମାଜରେ ସଦ୍ଭାବନା ଓ ଭାତୃତ୍ୱର ଭାବ ପ୍ରତିଷ୍ଠା କରିବାରେ ପର୍ବପର୍ବାଣୀଗୁଡିକ ବହୁମାତ୍ରାରେ ଭୂମିକା ନିର୍ବାହ କରିଆସୁଛି ।ଏ ପରିପ୍ରେକ୍ଷୀରେ ଓଡ଼ିଆ ନବ ବର୍ଷ ଭାବେ ବୈଶାଖ ମାସର ପ୍ରଥମ ସଂକ୍ରାନ୍ତି କୁ ମହାବିଷୁବ ସଂକ୍ରାନ୍ତି, ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ରୂପେ ପାଳନ କରାଯାଏ ।ଓଡ଼ିଆ ବାରଗୋଟି ମାସ ମଧ୍ୟରୁ ଓଡ଼ିଆ ମାସର ପ୍ରଥମ ମାସ ବୈଶାଖ ମାସଟିକୁ ଧର୍ମମାସ ଓ ବିରଞ୍ଚି ନାରାୟଣ ସୂର୍ଯ୍ୟ ଦେବ ହିଁ ଧର୍ମ ଦେବତା ବୋଲି ସ୍ୱୀକାର କରାଯାଏ। ଓଡିଶା ର ପ୍ରଚ୍ଳିତ ଓଡ଼ିଆ ପାଞ୍ଜି ଏହି ବିଷୁବ ସଂକ୍ରାନ୍ତି ରୁ ଆରମ୍ଭ ହୁଏ। ଭୌଗୋଳିକ ଦୃଷ୍ଟି କୋଣରୁ ପୃଥିବୀର କାଳ୍ପନିକ କ୍ରାନ୍ତିବୃତ୍ତ କୁ ବାରଗୋଟି ଭାଗରେ ଭାଗ କରି ବାରଟି ମାସର ଅବତାରଣା କରାଯାଇଛି ।ପୃଥିବୀକୁ କାଳ୍ପନିକ ଭାବେ ଟଣା ହୋଇଥିବା ବିଷୁବ ରେଖାଟି ପୃଥିବୀକୁ ଦୁଇ ସମାନ ଭାଗରେ ବିଭକ୍ତ କରେ,ଉତ୍ତର ଗୋଲାର୍ଦ୍ଧ ଓ ଦକ୍ଷିଣ ଗୋଲାର୍ଦ୍ଧ ।ଆମ ଦେଶ ଭାରତ ଉତ୍ତର ଗୋଲାର୍ଦ୍ଧ ରେ ଅବସ୍ଥିତ ।ପୃଥିବୀ ତାର ଅକ୍ଷପଥରେ ନିଜ ଚ୍ାରିପଟେ ଘୁରିବା ସହ ସୂର୍ଯ୍ୟଙ୍କ ଚ୍ତୁର୍ପାର୍ଶ୍ୱରେ ପ୍ରଦକ୍ଷିଣ କରେ ।ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟଙ୍କ ର ବିଷୁବ ସଂକ୍ରାନ୍ତି ଠାରୁ ଉତ୍ତରାୟଣ ଗତି ଆରମ୍ଭ ହୁଏ ।ଫଳତଃ ସୂର୍ଯ୍ୟଙ୍କ କିରଣ ପୃଥିବୀରେ ଅବସ୍ଥିତ ଉତ୍ତରଗୋଲାର୍ଦ୍ଧ ଦେଶ ଗୁଡିକ ଉପରେ ସିଧାସଳଖ ପଡେ ।ତେଣୁ ଆମେ ଭାରତର ଲୋକମାନେ ସୂର୍ଯ୍ୟଙ୍କ କିରଣର ପ୍ରଖରତା ଓତୀବ୍ରତାର ଶୀକାର ହୋଇଥାନ୍ତି । ସର୍ବତ୍ର ଶୁଷ୍କତା, ନିରସତା ଜନମାନସରେ କାୟାକ୍ଳେଶ ପ୍ରଦାନ କରେ। ପ୍ରଖର ସୂର୍ଯ୍ୟୋତ୍ତାପରେ ଲୋକେ ଅସହ୍ୟ କଷ୍ଟ ପାନ୍ତି ।ଏହି ସମୟ ରେ ଅଗ୍ନି ଓ ବାୟୁର ଗତି ମଧ୍ୟ ବଢିଥାଏ ।ପ୍ରଚ୍ଣ୍ଡ ରୌଦ୍ରତ୍ତାପରୁ ସୁରକ୍ଷିତ ରହିବା ପାଇଁ ଯେ ପ୍ରଚୁର ମାତ୍ରାରେ ଜଳ ଓ ଜଳୀୟ ଖାଦ୍ୟ ଦ୍ରବ୍ୟର ଆବଶ୍ୟକତା ଅନୁଭୂତ ହୁଏ,ଏ କଥା ସମସ୍ତେ ସ୍ୱୀକାର କରନ୍ତି ।ତେଣୁ ରବିଙ୍କର ତାପର କୁପ୍ରଭାବରୁ ମୁକ୍ତ ହେବା ପାଇଁ ଏହି ମହାନ୍ ପର୍ବରେ ପଣାର ଆୟୋଜନ କରାଯାଏ ।ଏହି ପର୍ବର ଅନ୍ୟ ନାମ ପଣା ସଂକ୍ରାନ୍ତି ସାର୍ଥକ ହୁଏ ।ଏହି ଦିବସର ମାହାତ୍ମ୍ୟ ଅନୁସାରେ ପ୍ରତିଟି ହିନ୍ଦୁ ପରିବାରର ଆରାଧ୍ୟା ତୁଳସୀ ଚ୍ଉରାରେ ଛାମୁଡ଼ିଆ କରି ଘଡି ବା ମାଟିର ଛୋଟ ଛିଦ୍ରଯୁକ୍ତ ଘଟ ବାନ୍ଧି ଦିଆଯାଏ ।ତହିଁରେ ଗହମ ଅଥବା ବୁଟ ଛତୁ ସହ ବେଲ, ଆମ୍ବ,ଦହି,ଗୁଡ଼, ନଡ଼ିଆ ଆଦିକୁ ପଣା କରି ଭୋଗ ସାମଗ୍ରୀ ଅର୍ପଣ କରାଯାଏ ।ଏକମାସ ଯାଏ ତାହା ସେଠାରେ ରହେ ଓ ତହିଁରେ ପ୍ରତିଦିନ ପାଣି ଢାଳିବା ଦ୍ୱାରା କ୍ଷୁଦ୍ର ଛିଦ୍ରରେ ଧୀରେ ଧୀରେ ବୃକ୍ଷ ମୂଳ ଓଦା ରହେ ।ଏତତ୍ ବ୍ୟତୀତ ନବବର୍ଷର ପ୍ରାରମ୍ଭ ହେତୁ ପ୍ରତ୍ୟେକ ଉତ୍କଳୀୟ ଦେବାଦେବୀ ପୀଠରେ ଏହି ପର୍ବଟିକୁ ଖୁବ ଯାକଜମକରେ ପାଳିତ ହୋଇଥାଏ ।ନଦୀନାଳ ରେ ଜଳର ଶୁଷ୍କତା କାରଣରୁ ପଶୁ ପକ୍ଷୀ ଙ୍କ ପାଇଁ ଛାୟାଯୁକ୍ତ ବୃକ୍ଷମୂଳ ରେ ବୃହତ୍ ଜଳ ପାତ୍ର ରଖି ପ୍ରତ୍ୟହ ଜଳଦାନ ପୂର୍ବକ ଜୀବେଦୟା ନୀତି ପ୍ରଦର୍ଶନ କରାଯାଏ ।ପରୋପକାର କରି ଧର୍ମ ଅର୍ଜନ କରିବାର ମାନସିକତା ନେଇ ତୃଷାର୍ତ୍ତ ପଥିକକୁ ଜଳ ଯୋଗାଇବା ନିମନ୍ତେ ରାସ୍ତାକଡରେ ବହୁସ୍ଥାନରେ ଜଳଛତ୍ର ଖୋଲାଯାଏ। ଓଡ଼ିଶାର ଦେବୀ ପୀଠ, ଯଥା- ଝଙ୍କଡର ଶାରଳା, କାକଟପୁର ର ମଙ୍ଗଳା, ବାଙ୍କୀ ର ଚ୍ର୍ଚ୍ଚିକା ଆଦି ସ୍ଥାନ ଓ ବିଶେଷତଃ ଦକ୍ଷିଣ ଓଡ଼ିଶାର ଦଣ୍ଡ ନାଚ୍, ପାଟୁଆଗଡା ଯାତ୍ରା ବା ଝାମୁଯାତ୍ରା ର ଉଦ୍ ଯାପନ ସମାରୋହ ଏହି ବିଷୁବ ସଂକ୍ରାନ୍ତି ଦିନ ଅନୁଷ୍ଠିତ ହୁଏ। ପାଟୁଆ କହିଲେ, ଯେଉଁ ନିଷ୍ଠାଯୁକ୍ତ ଭକ୍ତ ବ୍ରତପାଳନ ପୂର୍ବକ ବିନା ଦ୍ୱିଧାରେ ଉତ୍ତପ୍ତ ଜଳନ୍ତା ନିଆଁ ରେ ଚ୍ାଲିଥାନ୍ତି ।ଏହି ଦୃଶ୍ୟର ମାର୍ମିକତା ଲକ୍ଷ୍ୟ କଲେ ଜଣାଯାଏ, ସଂସାରୀ ମନୁଷ୍ୟ ଟି ପାଇଁ ଜୀବନର ପଥ ଟି ଆଣି ଗୋଲାପ ଆଚ୍ଛାଦିତ କୋମଳ ପଥଟିଏ ନୁହେଁ,ବରଂ ଉତ୍ତପ୍ତ ଯନ୍ତ୍ରଣା ଯୁକ୍ତ ପଥ ଟିଏ। ଆଉ ଏହି ପଥକୁ ସତର୍କତାର ସହ ବିନା ଦ୍ୱିଧାରେ ଅତିକ୍ରମ କରିବାକୁ ହେବ ସିନା, ସଂସାରୀଟି ପଳାୟନପନ୍ଥୀ ହୋଇପାରିବ ନାହିଁ ।ଏହି ବିଷୁବ ସଂକ୍ରାନ୍ତି ଦିନ ମଧ୍ୟ ଚ୍ିରଞ୍ଜିବୀ, ବ୍ରହ୍ମଚ୍ାରୀ,ମହାଜ୍ଞାନୀ ଏକାଦଶ ରୁଦ୍ରଙ୍କର ଅବତାର, ଅଞ୍ଜନା ନନ୍ଦନ ପ୍ରଭୁ ଶ୍ରୀ ହନୁମାନଙ୍କର ଜୟନ୍ତୀ ମଧ୍ୟ ସର୍ବତ୍ର ପାଳିତ ହୁଏ ।ସାଧୁସନ୍ଥଙ୍କର ରକ୍ଷାକାରୀ, ଚ୍ାରିଯୁଗର ମହାପ୍ରତାପୀ, ତଥା ମର୍ଯ୍ୟାଦା ପୁରୁଷ ଶ୍ରୀରାମଚ୍ନ୍ଦ୍ରଙ୍କର ପରମ ଭକ୍ତ ହନୁମାନଙ୍କର ପୂଜାର୍ଚ୍ଚନା କରି ଆଶୀର୍ବାଦ ଲାଭକରିବାକୁ ଭକ୍ତଟିଏ ବ୍ୟାକୁଳ ହୋଇଉଠେ ।ସକଳ ଶକ୍ତିର ଆଧାର ପ୍ରତ୍ୟକ୍ଷ ଦେବତା ସୂର୍ଯ୍ୟଦେବଙ୍କର ଓ ହନୁମାନ ମହାରାଜାଙ୍କର କୃପା ର ବାରିଧାରା ସମସ୍ତଙ୍କ ଉପରେ ଝରିଯାଉ ଏବଂ ପ୍ରତିଟି ପ୍ରାଣରେ ମହାବିଷୁବ ସଂକ୍ରାନ୍ତୀୟ ଧାର୍ମିକ ଓ ଆଧ୍ୟାତ୍ମିକତାର ସଂଚ୍ରଣ ଘଟୁ, ଏହାହିଁ ଆଜିର ଧ୍ୟେୟ।



ଅନସୂୟାମହାପାତ୍ର

ଯାଜପୁର

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା□ନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତ୍ତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କ□ପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେ□ାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୁଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଗ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ଯୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଂପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟଷ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।


## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ□ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁରୁ ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ□ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁରୁ ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।






# ଛାତ୍ରଙ୍କ ଜଳସମାଧି ! !



ଏକ ଅଭାବନୀୟ ଘଟଣାକ୍ରମରେ କଟକ ସହରର ତିନିଜଣ ପିଲାଙ୍କର ମୂଲ୍ୟବାନ ଜୀବନ ନିର୍ବାପିତ ହୋଇଯାଇଛି। ସାଙ୍ଗ ହୋଇ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ ଆଉ ତୀବ୍ର ଗଣ୍ଡ ଭିତରେ ପଶିଯାଇ ନିଜକୁ ମୁକୁଳାଇ ପାରିଲେ ନାହିଁ। ଏହିଠାରେ ଗୋଟିଏ ବଡ଼ ପ୍ରଶ୍ନ ଉଠୁଛି ଓଡ଼ିଶା ସରକାର ଯୁବ ବର୍ଗଙ୍କ ପାଇଁ ଅନେକ କିଛି କରୁଛନ୍ତି ବୋଲି ଘୋଷଣା କରୁଛନ୍ତି ଏବଂ ନିଜ ଢ଼ୋଲ ନିଜେ ବି ବାଡ଼ଉଛନ୍ତି। ରକ୍ତଦାନ କାର୍ଯ୍ୟକ୍ରମ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ଯୁବ ବର୍ଗଙ୍କ ସେବା ନିଶ୍ଚିତ ଗ୍ରହଣୀୟ ଏହାକୁ କେହି ମନେ କରୁନି କିନ୍ତୁ ବଡ଼କଥା ହେଉଛି ପିଲାମାନେ ଯେପରି ରକ୍ତଦାନ କରୁଛନ୍ତି, ବୃକ୍ଷରୋପଣ କରୁଛନ୍ତି ସେହିପରି ସେମାନଙ୍କୁ ପହଁରିବା ଶିକ୍ଷା ବିଧିବଦ୍ଧ ଭାବେ କ'ଣ ପାଇଁ ଦିଆଯାଇପାରୁନାହିଁ। କଟକର ଜୀବନ ରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀରେ ପ୍ରତିଦିନ କେଉଁଠି ନା କେଉଁଠି ଅଘଟଣ ଘଟୁଛି। ପାଣିରେ ବୁଡ଼ି କାହାର ଜୀବନ ଯାଉଥିଲା ବେଳେ ଆଉ କିଏ ଅଳ୍ପକେ ବର୍ତ୍ତି ଯାଉଛନ୍ତି। ସାମାନ୍ୟ ଅସାବଧାନତା ଲୋକଙ୍କୁ ମରଣ ମୁହଁକୁ ଟାଣି ନେଉଛି। ଯଦିଓ ଦୁଇ ନଦୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନକୁ ବିପଦ ସଙ୍କୁଳ ଘୋଷଣା ସହ ସେଠାରେ ସତର୍କ ସୂଚନାଫଳକ ଲଗାଯାଇଛି। ମାତ୍ର ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ପ୍ରଶାସନର ଏପରି ଅବହେଳା ଓ ଲୋକଙ୍କ ଅସାବଧାନତାରୁ ନଦୀ ବୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଲା ନଅ ବର୍ଷରେ ପ୍ରାୟ ୩୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ସବୁ ଦୋଷ କେବଳ ମହାନଦୀ ମୁଣ୍ଡାଉଛି। ଏମିତିକି ନିଜ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ଲୋକଙ୍କ ଜୀବନରେଖା ପାଲଟି ଥିବା ମହାନଦୀ ଅଭିଶପ୍ତ କହିବା ଆରମ୍ଭ କଲେଣି।

ସର୍ବାଧିକ ଅଘଟଣ ମହାନଦୀର ନରାଜ ଠାରୁ ଯୋବ୍ରା ଆନିକଟ ମଧ୍ୟରେ ଘଟୁଛି। ଯୋବ୍ରା ବ୍ୟାରେଜରେ ଗାଧୋଇବାକୁ ଯାଇ ୨୦୧୩ ମେ ୧୨ରେ ଦୁଇ ଜଣ ଯୁକ୍ତ ଦୁଇ ଓ ୨୩ରେ ବୋଷର ଦୁଇଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ୨୦୧୫ ଏପ୍ରିଲ ୧୩ରେ ରେଭେନ୍ସାର ଚାରି ଜଣ ଛାତ୍ର, ୨୦୧୯ରେ ଏପ୍ରିଲ ୬ରେ ରାଣିହାଟ ଶଗଡ଼ିଆ ସାହିର ଜଣେ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି ଗଡ଼ଗଡ଼ିଆ ଘାଟରେ ୨୦୧୩ ଅକ୍ଟୋବର ୩୧ରେ ପୋଲିସ ହାଇସ୍କୁଲ ଓ ପ୍ୟାରୀମୋହନ ଏକାଡ଼େମୀର ୩ ଛାତ୍ର, ୨୦୧୭ ଅଗଷ୍ଟ ୩୦ରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଫ୍ୟାସନ ଟେକ୍ନୋଲୋଜିର ୩ ଅଣ ଓଡ଼ିଆ ଛାତ୍ର ଓ ଅକ୍ଟୋବର ୨ରେ ଦୁଇଜଣ ଯୁବକ ଭାସି ଯାଇଥିଲେ। ନରାଜରେ ୨୦୧୭ ଅଗଷ୍ଟ ୨୫ରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଧବଳେଶ୍ୱର ଗଡ଼ାରେ ୨୦୧୭ ଅକ୍ଟୋବର ୭ରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର, ୨୦୧୮ ଅକ୍ଟୋବର ୨ରେ ଚହଟାରେ ଦୁଇ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ୨୦୧୯ ଅଗଷ୍ଟରେ ଜଣେ ଜାତୀୟ ସ୍ତରରେ ଖେଳାଳୀ ମହାନଦୀରେ ବୁଡ଼ି ପ୍ରାଣ ହରାଇଥିଲେ। ସେହିପରି କାଠଯୋଡ଼ିରେ ୨୦୧୮ ମେ ୬ରେ ଜଣେ ୧୦ମ ଶ୍ରେଣୀ ଓ ବିସିଏ ଦ୍ୱିତୀୟ ବର୍ଷ ଜଣେ ଛାତ୍ର ଖାନନଗର ତ୍ରିନାଥ ଗଡ଼ାରେ ବୁଡ଼ି ପ୍ରାଣ ହରାଇଥିଲେ।

ଏହାଛଡ଼ା ୨୦୨୧ ନଭେମ୍ବର ୨୫ରେ ଚାରି ଜଣ ସ୍କୁଲ ଛାତ୍ର କୋଳି ଖାଇବା ପାଇଁ ମହାନଦୀର ଭଦିମୂଳ ଘାଟକୁ ଯାଇ ବୁଡ଼ି ଯାଇଥିଲେ। ଦୁଇ ଦିନ ପରେ ସମସ୍ତଙ୍କ ଶବ ପାଣିରୁ ମିଳିଥିଲା। ସେହିପରି ଗଲା ମାର୍ଚ୍ଚ ୨୯ରେ ନରାଜରେ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇ ଜଣେ ଇଞ୍ଜିନିୟରିଂ ଛାତ୍ର ବୁଡ଼ି ପ୍ରାଣ ହରାଇଥିଲେ। ଏହି ସବୁ ଘଟଣା ବାଦ ଅନେକ ଅଘଟଣରେ ଅନେକଙ୍କ ଜୀବନ ଯାଇଛି। ମୁଖ୍ୟ କଥା ହେଉଛି ସବୁ ଘଟଣା ପଛରେ ଅସାବଧାନତାକୁ ଦାୟୀ କରାଯାଇଛି। ଅନ୍ୟପଟେ ଏଭଳି ଅଘଟଣକୁ ରୋକିବା ଲାଗି ୨୦୧୭ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ନଦୀର ଏକାଧିକ ଘାଟରେ ସତର୍କ ସୂଚନାଫଳ ଲଗାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସୂଚନା ଫଳକ ନଷ୍ଟ ହୋଇଯାଇଛି। ଏହାର ମରାମତି ଲାଗି ଅନେକ ଥର ଦାବି କରାଯିବା ସତ୍ତ୍ୱେ ତାହା ହୋଇପାରିନାହିଁ। ଫଳରେ ନଦୀର ଗଭୀରା ଜାଣି ନପାରି ଲୋକେ ଅକାଳ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ସ୍ଥିତିରେ ନା ଜନସାଧାରଣ ସଚେତନ ହେଉଛନ୍ତି, ନା ଜିଲ୍ଲା ପ୍ରଶାସନ ନିଜ ଆଡୁ ତତ୍ପରତା ପ୍ରକାଶ କରୁଛନ୍ତି। ଅଘଟଣ ପରେ ସବୁ ଦୋଷ ନଦୀ ଉପରେ ଛାଡ଼ି ଦିଆଯାଇଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଆନିକଟ ନିକଟରେ ୪୭ ଜଣଙ୍କ ଜୀବନ ଚାଲିଯାଇଛି। ରେଭେନ୍ସାର ଚାରି ଜଣ ଛାତ୍ର କିଛି ମାସ ତଳେ ସୁଅ ମୁହଁରେ ଭାସି ଯାଇଥିଲେ। ସୂଚନା ଥାଉକି ୨୦୧୮ରେ ୮ଜଣ, ୨୦୧୯ରେ ୧୦ଜଣ, ୨୦୨୦ରେ ୧୦ ଜଣ, ୨୦୨୧ରେ ୧୫ ଜଣ ଓ ଚଳିତ ବର୍ଷ ୪ ଜଣ ପିଲାଙ୍କ ଅକାଳ ଜୀବନ ଚାଲିଯାଇଛି। ଯୋବ୍ରା ପାର୍କ ନିକଟରେ ଥିବା ତତ୍ତ୍ୱବଟ ପର୍ଯ୍ୟନ୍ତ ପାଖାପାଖି ତିନଟି ତୁଠରେ ଚଳପ୍ରଚଳ ହୋଇଥାଏ। ସେହିପରି ଅଭିଯୋଗ ଉଠୁଛି ଯେ ଆନିକଟ ଠାରେ ମହାନଦୀର ପାଣିକୁ ନିୟନ୍ତ୍ରଣ ରଖିବା ପାଇଁ ଦାୟିତ୍ୱରତ କର୍ମଚାରୀମାନେ ନିଜ ଇଚ୍ଛା ମୁତାବକ ଗେଟ ଟେକୁଛନ୍ତି। ଯାହାଦ୍ୱାରା ଅଚାନକ ପାଣି ଚାଲି ଆସିବାରୁ ପିଲାମାନେ ନ ଜାଣି ପାରି ମୃତ୍ୟୁର ଶିକାର ହେଉଛନ୍ତି। ପିଲାମାନେ ଅଭାବନୀୟ ଭାବେ ଯେଉଁ ଜଳସମାଧି ନେଲେ ତାହା କ'ଣ ସେମାନଙ୍କ ଭାଗ୍ୟ ଥିଲା ? ପ୍ରଶାସନ କରୁଛି କ'ଣ ଏବଂ ଏ କ୍ଷେତ୍ରରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପର୍ଯ୍ୟାପ୍ତ କ୍ଷତି ପୂରଣ ଦିଆଯାଉ।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ: ୯୪୩୭୧୬୩୫୨୮

# ଚଇତି ଘୋଡ଼ାନାଚ



ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ। ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଞ୍ଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଞ୍ଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ। କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି। ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ। ସେହି କଣା ବାଟେ ମନୁଷ୍ୟ ଅଣ୍ଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ। ମନୁଷ୍ୟ ଅଣ୍ଟା



ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି ହୁଏ। ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ। ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ। ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର ଲଗାମ ଧରିବାର ଅଭିନୟ କରେ।

କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇୟା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି। ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି। ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ। ମା'ବାସେଲୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ। ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ। ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ। କୈବର୍ତ୍ତ ଗୀତା, କେବିର୍ତ୍ତ ପୁରାଣ ଓ କୈବର୍ତ୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି।

**ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# କୋଭିଡ଼ ପ୍ରଭାବରେ ଛୋଟ ପିଲାଙ୍କ ଆଖି ଖରାପ



କୋଭିଡ଼ ମହାମାରୀ ଯୋଗୁ ପ୍ରାୟ ଦୁଇବର୍ଷ କାଳ ପିଲାମାନେ ସ୍କୁଲ ନ ଯାଇ ଘରେ ରହିଲେ। ଏବେ ସ୍କୁଲ ଖୋଲିବା ପରେ ଦେଖିବାକୁ ମିଳୁଛି ଯେ ବହୁ ପିଲା କଳାପଟାରେ କ'ଣ ଲେଖା ହୋଇଛି ପଢ଼ିପାରୁ ନାହାନ୍ତି। ଆଖିକୁ ଜାଲୁଆ ଜାଲୁଆ ଦିଶୁଛି। ପାଠପଢ଼ାରେ ଅଧିକ ସମୟ ଧ୍ୟାନ ଦେଇପାରୁ ନାହାନ୍ତି। କାହାର ଆଖି ନାଲି ପଡ଼ିଛି, କାହାର ମୁଣ୍ଡ ବିନ୍ଧା ହେଉଛି ତ କାହାକୁ ଭାରି ଅଶ୍ୱସ୍ତି ଅନୁଭବ ହେଉଛି। ଦିଲ୍ଲୀ ରାଜଧାନୀ ଅଞ୍ଚଳ, ମୁମ୍ବାଇ, ଉଦୟପୁର ଅଞ୍ଚଳର ଆଖି ଡାକ୍ତରମାନଙ୍କ ପାଖରେ ପିଲାମାନଙ୍କ ଭିଡ଼ ଦୁଇଗୁଣ ବଢ଼ିଯାଇଛି ବୋଲି ଏକ ରିପୋର୍ଟ ମିଳିଛି। ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି। ଡାକ୍ତରଙ୍କ ପାଖକୁ ଆଖି ଦେଖାଇବାକୁ ଆସୁଥିବା ପ୍ରତି ୧୦ଜଣରେ ୬ଜଣଙ୍କର ଚଷମା ଦରକାର ପଡୁଛି। ଯେଉଁମାନେ ଗତ ବର୍ଷ ଚଷମା ଲଗାଇଥିଲେ ସେମାନଙ୍କ ଚଷମାର ପାୱାର ୦.୫ରୁ ୦.୭୫ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଆଖି ଡାକ୍ତରମାନଙ୍କ କହିବା ଅନୁସାରେ ୫ରୁ ୧୫ ବର୍ଷର ବହୁ ପିଲାଙ୍କୁ ଏବେ ଚଷମା ପିନ୍ଧିବାକୁ ପଡୁଛି, ଏପରିକି ଅଧିକ ପାୱାରର ଚଷମା ଅନେକଙ୍କର ଦରକାର ପଡୁଛି। ଏମ୍ସର ଡାକ୍ତରଙ୍କ ପ୍ରାରମ୍ଭିକ ଅନୁଧ୍ୟାନ ଅନୁସାରେ ପିଲାମାନେ ମାୟୋପିଆ (ନିକଟ ଦୃଷ୍ଟିକୋଷ)ର ଶିକାର ହେବା ୭ ପ୍ରତିଶତରୁ ୧୩ ପ୍ରତିଶତକୁ ବା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି।

ମୋବାଇଲ, ଲାପଟପ, କମ୍ପ୍ୟୁଟର, ଟିଭି ପ୍ରଭୃତି କେବଳ ପାଖ ଜିନିଷ ଦେଖିବାରେ ଅଭ୍ୟସ୍ତ ହେବା ଏବଂ ବାହାରକୁ ନ ଯିବା ଏହାର କାରଣ ବୋଲି କୁହାଯାଉଛି। ମୋବାଇଲ ବା ଲାପଟପ ପରି ଛୋଟ ପରଦାର ପାଖ ଜିନିଷ ବେଶି ଦେଖିଲେ ନେତ୍ର ଗୋଲକ (ଆଇବଲ) ସମ୍ପ୍ରସାରିତ ହୁଏ ଓ ତାପ ସୃଷ୍ଟି ହୁଏ, ଯାହା ନିକଟ ଦୃଷ୍ଟିଦୋଷର କାରଣ। ବିଯୁକ୍ତ ୧ ବା ୧.୫ରୁ ଅଧିକ ପାୱାରର ଚଷମା ପିଲାମାନଙ୍କୁ ପିନ୍ଧିବାକୁ ପଡୁଛି। କୋଭିଡ଼ ଯୋଗୁଁ ବାହାରକୁ ନ ଯିବା ଓ ବାହାରେ ଖେଳକୁଦ ନ କରିବା ଯୋଗୁଁ ପିଲାମାନେ ସୂର୍ଯ୍ୟକିରଣ ପାଇବାରୁ ବଞ୍ଚିତ ହେଲେ। ଫଳରେ ସେମାନଙ୍କ ଶରୀରରେ ଭିଟାମିନ ଡି ବା ଡୋପାମାଇନର ମଧ୍ୟ ଅଭାବ ଦେଖିବାକୁ ମିଳିଛି। ଏଣିକି ପିଲାମାନେ ଯଦି ଅତି କମରେ ଦୁଇଘଣ୍ଟା ବାହାରେ ବୁଲିବେ ବା ଖେଳିବେ ଏବଂ ମୋବାଇଲ ଓ ଲାପଟପ ଦେଖିବାରୁ ବିରତ ରହିବେ ତେବେ ସେମାନଙ୍କ ଛୋଟ ପରଦାରେ ମନୋନିବେଶ ସମୟ ହ୍ରାସ ପାଇବ ଏବଂ ଆଖିର ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସେମାନଙ୍କ ନିକଟ ଦୃଷ୍ଟିଦୋଷ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇବ।

**ଡାକ୍ତର ବିଷ୍ଣୁ ପ୍ରସାଦ ସର**, ସହଯୋଗୀ ପ୍ରଫେସର, ଚକ୍ଷୁ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୮୦୧୬୩୬୬୭

# ମାଇଥୋମାନିଆ



ଜୀବନରେ ଏକ ବିଚିତ୍ର ସତ୍ୟ ଆଉ ମିଥ୍ୟା ଥାଏ। ଏହି କଥାକୁ ବଡ଼ ଦୁଃଖର ସହିତ କହିଲେ ମୋ ବନ୍ଧୁ ଦେବଦତ୍ତ। ତାଙ୍କ ଜଣେ ବନ୍ଧୁ ପିଲାଦିନରୁ କଳ୍ପନାବିଳାସୀ। ପିଲାଦିନରୁ ଛୋଟ ଛୋଟ ପ୍ରସଙ୍ଗକୁ ମିଛ କହିବାର ଏକ ପ୍ରକାର ପ୍ରବଣତା ସେ ଧୀରେ ଧୀରେ ନେଇଯାଇଥିଲେ। ତାଙ୍କ ବ୍ୟସ୍ତତା ଶୁଣିକି ମୁଁ ତାଙ୍କୁ କହିଲି ଯେ ଜୀବନରେ ଏହା ନିଶ୍ଚିନ୍ତ ଏକ ଅସ୍ୱାଭାବିକ ଘଟଣା। ତେବେ ବଡ଼ କଥା ହେଉଛି ପିଲାମାନେ ବେଳେ ବେଳେ ମିଛ କୁହନ୍ତି ଆଉ କେଉଁ ପରିସ୍ଥିତିରେ କୁହନ୍ତି ତାହା ଜାଣିବା ବାପା ମାଆଙ୍କର ବଡ଼ କର୍ତ୍ତବ୍ୟ। ମୁଁ ତାଙ୍କୁ ପରାମର୍ଶରେ କହିଲି ଯେ, ମଣିଷ ନିଜ ଜୀବନରେ ଯେ କେବେ କେମିତି ମିଛର ସାହାରା ନେଇଥାଏ। ଜୀବନରେ ଥରେ ବି ମିଛ କହିନଥିବା ଲୋକଙ୍କ ସଂଖ୍ୟା ହୁଏତ ଅତି ବିରଳ ହୋଇଥିବ। କାରଣ ସମସ୍ୟା ସମାଧାନ ପାଇଁ ଅବା କାହାକୁ ବଞ୍ଚାଇବା ପାଇଁ ମଣିଷ ବେଳେ ବେଳେ ମିଥ୍ୟାର ଆଶ୍ରୟ ନେଇଥାଏ। କିନ୍ତୁ କିଛି ଲୋକ ଥାଆନ୍ତି ଯେଉଁମାନେ ସ୍ୱଭାବଗତ ଭାବେ ମିଛ କହିଥାଆନ୍ତି। ସେମାନଙ୍କ ମିଛ କହିବା ଦ୍ୱାରା ଯଦିଓ ଅନ୍ୟମାନଙ୍କର ଲାଭ ବା କ୍ଷତି କିଛି ବି ହୋଇନାଥାଏ। କିନ୍ତୁ ମିଛ କହୁଥିବା ଲୋକ ଆତ୍ମସନ୍ତୋଷ ପାଇଥାଏ ତେବେ ଧରିନେବାକୁ ହେବ ସେହି ବ୍ୟକ୍ତି ଏକ ପ୍ରକାର ମାନସିକ ରୋଗରେ ପୀଡ଼ିତ। ଯଦିଓ ଏହା ସେତେ ମାରାତ୍ମକ ନୁହେଁ। ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ ଏହା ରୋଗ ନୁହେଁ, ବରଂ ଏକ ପ୍ରକାର ମାନସିକ ସମସ୍ୟା। ମନସ୍ତାତ୍ତ୍ୱିକମାନଙ୍କ କହିବାନୁସାରେ ମାଇଥୋମାନିଆ ସେହି ଲୋକମାନେ ଭୋଗିଥାନ୍ତି ଯେଉଁମାନେ ଅତ୍ୟଧିକ କଳ୍ପନାବିଳାସୀ ହୋଇଥାନ୍ତି। ପିଲା ଦିନରୁ ଛୋଟ ଛୋଟ ପ୍ରସଙ୍ଗରେ ମିଛ କହିବାର ପ୍ରବଣତା ଧୀରେ ଧୀରେ ମାଇଥୋମାନିଆର ରୂପ ନେଇଥାଏ। କିନ୍ତୁ ମାଇଥୋମାନିଆ ଭୋଗୁଥିବା ଲୋକମାନେ ମକିଛ କହି କାହାର କ୍ଷତି କରନ୍ତି ନାହିଁ। କୋଲିନ୍ସ ଅଭିଧାନ ଅନୁସାରେ ଏହି ଶବ୍ଦଟି ୧୯୦୫ ମସିହାରେ ପ୍ରଥମେ ବ୍ୟବହୃତ ହୋଇଥିଲା। ମିଥ୍ ଓ ମାନିଆ ଦୁଇଟି ଶବ୍ଦରୁ ସୃଷ୍ଟି ହୋଇଛି ମାଇଥୋମାନିଆ। ମାଇଥୋମାନିଆ ଭୋଗୁଥିବା ଲୋକମାନେ ଅନେକ ସମୟରେ ଏତେ ସୁନ୍ଦର ମିଛ କହିଥାନ୍ତି ଯେ ଅନ୍ୟମାନେ ସେମାନଙ୍କ କଥାକୁ ଅତି ସହଜରେ ବିଶ୍ୱାସ ବି କରିଥାଆନ୍ତି। ପୁଣି ମାଇଥୋମାନିଆ ଭୋଗୁଥିବା କିଛି ଲୋକ ନିଜ ସଂପର୍କରେ ବଢ଼େଇ ହୋଇ କହିଥାନ୍ତି। ଏହି ସମସ୍ୟା ଭୋଗୁଥିବା ଅଳ୍ପ କିଛି ଲୋକଙ୍କର ଆତ୍ମଗର୍ବ ବି ଥାଏ। ଆଧୁନିକ ଯୁଗରେ ଏହି ସମସ୍ୟାର ସମାଧାନ ବେଶ ସହଜ। ଯଦି ଜଣେ ନିଜକୁ ଗଭୀର ଭାବେ ଅନୁଶୀଳନ କରିପାରିବ ତେବେ ସେ ବୁଝିପାରିବ ସେ ମାଇଥୋମାନିଆ ଭାଗୁଛି କି ନାହିଁ। ଯଦି ଜଣେ ଅନୁଭବ କରେ ସେ ଛୋଟ ଛୋଟ କଥାରେ ମାତ୍ରାଧିକ ମିଛ କହୁଛି ତେବେ ମନସ୍ତାତ୍ତ୍ୱିବିଦଙ୍କ ସାହାଯ୍ୟ ନେଇପାରିବେ। କୌଣସି ଔଷଧ ନୁହେଁ, ବରଂ କାଉନସେଲିଂ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ଅଭିଭାବକମାନେ ମଧ୍ୟ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ପିଲାମାନେ କେତେବେଳେ ମିଛ କହୁଛନ୍ତି, କାହିଁକି ମିଛ କହୁଛନ୍ତି, କେଉଁ ପରିସ୍ଥିତିରେ ପଡ଼ି ସେମାନଙ୍କ ପାଟିରୁ ମିଛ ବାହାରୁଛି ସେ ସବୁ ଭଲ ଭାବେ ବୁଝିବା ଆବଶ୍ୟକ। ଛୋଟ ପିଲା ବେଳେ ବେଳେ ଭୟରେ ମିଛ କହିଥାଆନ୍ତି। ତାହା ଅଲଗା ପ୍ରସଙ୍ଗ। କିନ୍ତୁ ପିଲାଦିନରୁ ସ୍ୱଭାବସିଦ୍ଧ ଭାବେ ମିଛ କହିବାର ଅଭ୍ୟାସ ତିଆରି ହୋଇଗଲେ ତାହା ପିଲାର ଭବିଷ୍ୟତକୁ ପ୍ରଭାବିତ କରିପାରେ। ଏ କ୍ଷେତ୍ରରେ ବାପା-ମାଆଙ୍କର ବଡ଼ କର୍ତ୍ତବ୍ୟ ରହିଛି ଏବଂ ଏ କ୍ଷେତ୍ରରେ ସଚେତନତା ମଧ୍ୟ ବଡ଼ ଗୁରୁତ୍ୱ ରଖେ। ତୁରନ୍ତ ଏହି ସମସ୍ୟା ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ଡାକ୍ତର ସମ୍ରାଟ କର**, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ରାଜଧାନୀ ପ୍ରତିଷ୍ଠା ଦିବସରେ ୧୩ଜଣଙ୍କୁ ପ୍ରଦାନ କରାଯିବ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର (ପିଏନ୍): ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୮ଟା ସମୟରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖସ୍ଥ ବେସାମରିକ ପରେଡ ଉତ୍ସବ ପରେ ପରେ ରାଜଧାନୀର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିପାଇଁ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକସଂପର୍କ ବିଭାଗ, ଜିଲ୍ଲାପାଳ ଖୋର୍ଦ୍ଧା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ଗଠିତ ଚୟନ କମିଟିରେ ୧୩ଜଣ ବ୍ୟକ୍ତିବିଶେଷଙ୍କୁ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ କରିବା ପାଇଁ ଚୂଡ଼ାନ୍ତ ନିଷ୍ପତି ନିଆଯାଇଛି। କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ବୈଜ୍ଞାନିକ ଡ. ଅଜୟ ପରିଡ଼ା, ହକି ଖେଳାଳୀ ଦୀପଗ୍ରେସ୍ ଏକ୍କା, ଆଇନଜୀବୀ ଡ. ମଧୁମାଧବ ଜେନା, ଚିକିତ୍ସକ ଡା. ଅଶୋକ ନନ୍ଦ, ସମାଜସେବୀ ନୀଳମଣି ମିଶ୍ର, ଟ୍ରାଫିକ୍ କନଷ୍ଟେବଳ ଶେଷଦେବ ସାହୁ, ନର୍ସ ଶ୍ରୀମତୀ ହାରାମଣୀ ଦାଶ, ପୋଷ୍ଟମ୍ୟାନ୍ ବିପ୍ଳବ ରଂଜନ ମଲ୍ଲିକ ଓ ସୁଇପର ଶ୍ରୀମତୀ ସୁଷମା ଦେଇଙ୍କୁ ଉକ୍ତ ସମାରୋହରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ସମ୍ମାନିତ କରାଯିବ ବୋଲି ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ ମିଶ୍ର ଓ ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

—ଓଡ଼ିଆ ମହୋତ୍ସବ-୨୦୨୨—


## ଆକର୍ଷଣୀୟ ନୃତ୍ୟରେ ମୋହିଲେ ଶିଶୁ କିଶୋର

ଭୁବନେଶ୍ୱର (ପିଏନ୍)- ଓଡିଆ ଭାଷା,ସଂସ୍କୃତି, ପରମ୍ପରା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ସଂଭାବନା ପକ୍ଷରୁ ସତର ବର୍ଷ ଧରି ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଏହାର ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ୩ଦିନିଆ ଉଦ୍ଯାପନୀ ଉତ୍ସବର ପୂର୍ବରୁ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଅ'ର୍ଗତ ଓଡ଼ିଶୀ ଓ ଲଘୁନୃତ୍ୟ ପ୍ରତିଯୋଗିତା ଏକାମ୍ର ହାଟର ମୁକ୍ତାକାଶ ମ□ରେ ଅନୁଷ୍ଠିତ ହୋଇଯାଇଛି ।ଓଡିଶୀ ନୃତ୍ୟ ସହ ରଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ।

ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ପ୍ରଥମ ଥର ପାଇଁ ସଂଭାବନାର କିଛି ଶୁଭେଚ୍ଛୁ ସାମ୍ବାଦିକ ଅପୂର୍ବ ମହାନ୍ତି, ଅମ୍ବୁଜ କୁମାର ଦେଓ ସାମନ୍ତ,ସଂଗ୍ରାମ ଦାସ,ଅଧ୍ୟାପକ ସତ୍ୟ ସୁନ୍ଦର ସାହୁ ଓ ପିଜେ ଗ୍ରୁପର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଶିଶୁ-କିଶୋର ନୃତ୍ୟ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଯୋଗ ଦେଇଥିଲେ, ଗୁରୁ ଦେବବ୍ରତ ଦାସ ଓ ରଶ୍ମିତା ରାଜ ନନ୍ଦିନୀ ପାଣିଗ୍ରାହୀ। ପଚାଶରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି,ସଦସ୍ୟ ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।

## ସ୍କାଉଟସ୍ ଗାଇଡସ୍ ତରଫରୁ ରାମ ନବମୀ ସେବା ଶିବିର



ଭୁବନେଶ୍ୱର (ପିଏନ୍): ରାଜ୍ୟ ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଶ୍ରୀରାମ ନବମୀ ଅବସରରେ ସେବା କାର୍ଯ୍ୟ ଯୋଗାଇ ଦେଇଥିଲେ। ଓଡିଶାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୭୦ ଜଣ ରୋଭରଙ୍କୁ ନେଇ ଏହି ସେବା ଶିବିର ଆୟୋଜନ କରାଯାଇଅଛି । ଖରା ଓ ଗରମ ଦାଉରୁ ଭକ୍ତମାନେ ରକ୍ଷାପାଇବା ପାଇଁ ରୋଭରମାନେ ଭକ୍ତମାନଙ୍କୁ ଦହି ପାଣି, ଥଣ୍ଡା ପାନୀୟଜଳ ବଣ୍ଟନ କରିବା ସଙ୍ଗେ ସଙ୍ଗେ ଖରା ତାତିରୁ ରକ୍ଷା ପାଇବା ପାଇଁ ଭକ୍ତମାନଙ୍କ ଉପରେ ସ୍ପ୍ରେୟର ସାହାଯ୍ୟରେ ପାଣି ସି□ନ କରିଥିଲେ, ଚାଲିବା ସ୍ଥାନରେ ପାଣି ଢ଼ାଳି ରାସ୍ତାକୁ ଥଣ୍ଡା ରଖୁଥିଲେ, ଲୋକମାନଙ୍କୁ ସୁବିଧାରେ ଦର୍ଶନ କରିବା ପାଇଁ ଲାଇନ୍ ମାଧ୍ୟମରେ ଲୋକମାନଙ୍କୁ ଭିତରକୁ ପ୍ରବେଶ କରାଉଥିଲେ, ମନ୍ଦିର ପରିସରରେ ଥିବା ଦୀପସ୍ଥାନ ଏବଂ ରାସ୍ତାରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରୁଥିଲେ, ଅସୁସ୍ଥ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ଏତଦ୍ବ୍ୟତୀତ ଜନଗହଳିକୁ ଏଡାଇବା ପାଇଁ ପୋଲିସ ଏବଂ ଟ୍ରାଫିକ୍ମାନଙ୍କୁ ସାହାଯ୍ୟ କରୁଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଜିଲ୍ଲାପାଳମାନଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଆଜି ରାଜ୍ୟର ୩୦ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ନିର୍ଭୁଲ ଭୋଟର ତାଲିକା ସଂପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ । କ୍ଷେତ୍ର ପରିଦର୍ଶନ କରି ବିଶେଷ କରି ଫଟୋ ସାଦୃଶ୍ୟ ଥିବା ଏକାଧିକ ଭୋଟର କିମ୍ବା ଦୋହରା ଭାବେ ଭୋଟର ତାଲିକାରେ ନାମ ଦରଜ ହେବା ପରି ଜଣାପଡୁଥିବା ଭୋଟରମାନଙ୍କୁ ସଠିକ୍ ଭାବେ ଯାଂଚ ସହ ଏକାଧିକ ନାମଗୁଡ଼ିକୁ ତାଲିକାରୁ ବାଦ୍ ଦେବା ଏବଂ ଭୋଟର ତାଲିକାରେ ନାମ ଥାଇ ଫଟୋ ନଥିବା କିମ୍ବା ଭୋଟର ତାଲିକାରେ ନାମ, ଠିକଣା ଇତ୍ୟାଦି ତ୍ରୁଟି ଥିଲେ (ଲଜିକାଲ ଏରର) କିମ୍ବା ଦୋହରା ଫଟୋ ପରିଚୟ ପତ୍ର ଥିବା ଭୋଟରମାନଙ୍କୁ ସଠିକ୍ ଭାବେ ଯାଂଚ କରି ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେଇ ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସଂପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଗୁରୁତ୍ୱାରୋପ କରିଥିଲେ। ଭାରତ ନିର୍ବାଚନ ଆୟୋଗ ପ୍ରଥମ ଥର ପାଇଁ ସମସ୍ତ ଭୋଟରମାନଙ୍କୁ ଫଟୋ ପରିଚୟ ଡାକ ମାଧ୍ୟମରେ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏଥି ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କଲାବେଳେ ଫର୍ମ ନଂ-୬ରେ ତାଲିକାରେ ନାମ ଯୋଗ ଓ ଫର୍ମ ନଂ-୮ରେ ତ୍ରୁଟି ସଂଶୋଧନ ପାଇଁ ଫର୍ମ ପୂରଣ କଲାବେଳେ ନାଗରିକମାନେ ଆବେଦନ ଫର୍ମରେ ସଂପୂର୍ଣ୍ଣ ଡାକ ଠିକଣା ଓ ସଠିକ୍ ମୋବାଇଲ୍ ନମ୍ବର ଦେବାକୁ ହେବ। ନଚେତ୍ ଭୋଟରଙ୍କ ଘରେ ଡାକ ଯୋଗେ ଫଟୋ ପରିଚୟ ପତ୍ର ପହଂଚିବା ସମ୍ଭବ ହେବ ନାହିଁ। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ବୁଥ୍ ସ୍ତରୀୟ ଅଧିକାରୀମାନେ ନିଜ ନିଜ ଅଂଚଳରେ ଘରକୁ ଘର ଯାଇ ସଠିକ୍ ତଥ୍ୟ ସଂଗ୍ରହ କରି ନିର୍ବାଚକ ପଂଜୀକରଣ ଅଧିକାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବେ ଓ ପରେ ନିର୍ବାଚକ ପଂଜୀକରଣ ଅଧିକାରୀମାନେ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ବର୍ତମାନ ସୁଦ୍ଧା ପ୍ରସ୍ତୁତ ହୋଇଥିବା ଫଟୋ ପରିଚୟ ପତ୍ରଗୁଡ଼ିକୁ ମଇ ମାସ ୧୫ ତାରିଖ ସୁଦ୍ଧା ଡାକ ମାଧ୍ୟମରେ ଭୋଟରମାନଙ୍କ ଘରେ ପହଂଚାଇବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ନିର୍ଦ୍ଦେଶ ଦେଇଛନ୍ତି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି। ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି। ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ୫ରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଂଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଲା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।

# ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ : ରାଜଧାନୀର ଯୋଜନାବଦ୍ଧ ବିକାଶ ପାଇଁ ସମ୍ମିଳିତ ପ୍ରୟାସ ଲୋଡ଼ା

ଭୁବନେଶ୍ୱର, (ପି.ଏନ):ରାଜଧାନୀ ଭୁବନେଶ୍ୱରକୁ ଏକ ସମୃଦ୍ଧ ଓ ବିକଶିତ ନଗରୀରେ ପରିଣତ କରିବା ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ହାତକୁ ନିଆଯିବା ଆବଶ୍ୟକ। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ପଦକ୍ଷେପ ନିଆଯାଉଛି ତାହାକୁ ଶୃଙ୍ଖଳିତ ଭାବରେ କାର୍ଯ୍ୟକାରୀ କରିବାକୁ ସମ୍ମିଳିତ ପ୍ରଚେଷ୍ଟାର ଜରୁରୀ ଆବଶ୍ୟକତା ରହିଛି ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ରାଜଧାନୀ ନଗରୀ ରୂପେ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରିବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବରେ ବକ୍ତାମାନେ ରାଜଧାନୀ ଭୁବନେଶ୍ୱରକୁ ସବୁଜସୁନ୍ଦର ତଥା ସ୍ୱାସ୍ଥ୍ୟପ୍ରଦ ନଗରୀରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଉପଲକ୍ଷେ ଓଡ଼ିଶା ବିଧାନସଭା ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ପାତ୍ର ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ପତାକା ଉତୋଳନ କରିବା ସହ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ, ପ୍ରଶସ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ସୁରେଶ କୁମାର ରାଉତରାୟ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ଶ୍ରୀମତୀ ସୁଲୋଚନା ଦାଶ ଓ ଡେପୁଟି ମେୟର ମଞ୍ଜୁଲତା କହଁର, ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜଧାନୀ ସ୍ଥାପନର ଅତୀତ ଘଟଣାବଳୀ ସଂପର୍କରେ ଉଲ୍ଲେଖ କରିବା ସଂଗେ ସଂଗେ ଏହାର ମୁଖ୍ୟ ପୁରୋଧା ଡ. ହରେକୃଷ୍ଣ ମହତାବଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କମିଟିର ସାଧାରଣ ସଂପାଦକ ସାମ୍ବାଦିକ ସନତ ମିଶ୍ର ସ୍ୱାଗତ ଭାଷଣ ଦେଇ ଭୁବନେଶ୍ୱରକୁ ଜିଲ୍ଲା ଭାବେ ପରିଣତ କରିବା ପାଇଁ ଦାବି କରିବା ସହିତ ବିଧାନସଭାର ପାଚେରୀରେ ଦୀର୍ଘ ୩୪ବର୍ଷ ଧରି ଲାଗିଥିବା ଶିଳାନ୍ୟାସ ଫଳକକୁ ଅଲଗା କରି ତା’ର ସୌନ୍ଦର୍ଯ୍ୟକରଣ କରିବାକୁ ଦାବି କରିଥିଲେ। କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୦୨୩ ବର୍ଷ ଠାରୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସରକାରୀ ସ୍ତରରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବାକୁ ନିଷ୍ପତି ହୋଇଛି।

ଏହି ଅବସରରେ ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ‘ରାଜଧାନୀ ଗୌରବ ସମ୍ମାନ-୨୦୨୨’ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ବେସାମରିକ ପ୍ୟାରେଡରେ ଭୁବନେଶ୍ୱରର ୭୩ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଓଏସଏପି ସପ୍ତମ ବାଟାଲିୟନର ପୋଲିସ ବ୍ୟାଣ୍ଡ ଦଳ, ସିଆରପିଏଫ୍‌ର ପୋଲିସ ବ୍ୟାଣ୍ଡ ଦଳ, ସୈନିକ ସ୍କୁଲ,ଓଡ଼ିଶା ସ୍କେଟିଂ ଏକାଡେମୀ ଏବଂ ମହର୍ଷି କଲେଜର ଡେୟାରଡେଭିଲ୍ ଟିମ୍‌ର ପିଲାମାନେ ଭାଗ ନେଇଥିଲେ। ଏହି ପ୍ୟାରେଡ୍‌କୁ ଶ୍ରୀମତୀ ସୁଷମା ମହାନ୍ତି ପରିଚାଳନା କରିଥିବା ବେଳେ ସେଣ୍ଟ ଯୋଶେଫ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ହରପ୍ରିୟା ଦାସ, ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍ -୮ର ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର ଏବଂ ୟୁନିଟ୍ ୩ ସତ୍ୟସାଇ ହାଇସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା କୁମାରୀ ଉଦୟସିଂ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ୟାରେଡ ପ୍ରତିଯୋଗିତାରେ କଲେଜସ୍ତରରେ ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ ପ୍ରଥମ, ମହର୍ଷି କଲେଜ୍ ଅଫ ନେଚୁରାଲ ଲ’ କଲେଜ ଦ୍ୱିତୀୟ, ବିଜେବି ସ୍ୱୟଂଶାସିତ କଲେଜ୍ ତୃତୀୟ, ହାଇସ୍କୁଲ ବାଳିକା ସ୍ତରରେ ୟୁନିଟ୍ ୨ କ୍ୟାପିଟାଲ ଗାର୍ଲସ୍ ହାଇସ୍କୁଲ ପ୍ରଥମ, ୟୁନିଟ୍ ୯ ସରକାରୀ ବାଳିକା ହାଇସ୍କୁଲ ଦ୍ୱିତୀୟ, ୟୁନିଟ୍ ୬ ସରକାରୀ ବାଳିକା ହାଇସ୍କୁଲ ଓ ୟୁନିଟ୍ ୧ ସରକାରୀ ବାଳିକା ହାଇସ୍କୁଲ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ହାଇସ୍କୁଲ ବାଳକ ସ୍ତରରେ ୟୁନିଟ୍ ୩ କ୍ୟାପିଟାଲ୍ ହାଇସ୍କୁଲ ପ୍ରଥମ, ୟୁନିଟ୍ ୯ ବାଳକ ହାଇସ୍କୁଲ ଦ୍ୱିତୀୟ, ଏମ୍‌ପିଏଲ୍ ସରକାରୀ ହାଇସ୍କୁଲ, ବରମୁଣ୍ଡା ଓ ଆଇଆରସି ଭିଲେଜ୍ ସରକାରୀ ବାଳକ ହାଇସ୍କୁଲ ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପବ୍ଲିକ ସ୍କୁଲ ସ୍ତରରେ ସୈନିକ ସ୍କୁଲ ପ୍ରଥମ, ଖଣ୍ଡଗିରି ଶିବାନନ୍ଦ ସେଣ୍ଟିନାରୀ ବାଳକ ହାଇସ୍କୁଲ ଦ୍ୱିତୀୟ ଏବଂ ସିଭିଲ ଡିଫେନ୍ସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

### ଉନ୍ନତ ନିରାପଦ ରୋଗୀ ସେବା ପାଇଁ ଏମ୍ସ ଭୁବନେଶ୍ୱରକୁ ସମ୍ମାନଜନକ ସ୍ୱାସ୍ଥ୍ୟ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, (ପି.ଏନ): ଉନ୍ନତ ନିରାପଦ ରୋଗୀ ସେବା ପାଇଁ ଏମ୍ସ ଭୁବନେଶ୍ୱରକୁ ସମ୍ମାନଜନକ ସ୍ୱାସ୍ଥ୍ୟ ଉତ୍କର୍ଷ ପୁରସ୍କାର ମିଳିଛି। କେରଳର କୋଚିରେ ଅନୁଷ୍ଠିତ ସ୍ୱୀକୃତିପ୍ରାପ୍ତ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନସମୂହଙ୍କ ମଧ୍ୟରେ ସଚେତନତା ସମ୍ମତି ଓ ଉତ୍କର୍ଷ(ସିଏଏଚ୍‌ଓ-ଏସ୍)ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର କେନ୍ଦ୍ରୀୟ ଷ୍ଟେରାଇଲ୍ ସେବା ବିଭାଗ(ସିଏସଏସଡି)କୁ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ବର୍ଗରେ ଜାତୀୟସ୍ତରରେ ୨ୟ ପୁରସ୍କାର ମିଳିଛି। ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଏମ୍ସର ଅତ୍ୟାଧୁନିକ ସେଂଟ୍ରାଲ୍ ଷ୍ଟେରାଇଲ୍ ସେବା ବିଭାଗକୁ ମିଳିଥିବା ଏହି ପ୍ରତିଷ୍ଠିତ ପୁରସ୍କାରକୁ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ଏବଂ ସିଏସଏସଡି ବିଭାଗ ମୁଖ୍ୟ ଡ. ଅଶୋକ କୁମାର ଜେନା କୋଚିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରହଣ କରିଥିଲେ। ଏହା ଏମ୍ସ ଭୁବନେଶ୍ୱର ପାଇଁ ଏକ ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ପ୍ରକାଶ କରିଛନ୍ତି। ଏମ୍ସ ସର୍ବଦା ରୋଗୀସେବା କ୍ଷେତ୍ରରେ ନିରାପତାକୁ ପ୍ରାଥମିକତା ଦେଇଆସିଛି ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ଏକାଧିକ ପର୍ଯ୍ୟାୟର କଠିନ ଚୟନ ପ୍ରକ୍ରିୟା ପରେ ପ୍ରଥମ ଥର ପାଇଁ ଏମ୍ସ ଭୁବନେଶ୍ୱର ଏହି ସମ୍ମାନ ପାଇଁ ମନୋନୀତ ହୋଇଛି। ଏହି ଉତ୍କର୍ଷ ପୁରସ୍କାର ରୋଗୀର ନିରାପତାକୁ ସୁନିଶ୍ଚିତ କରିବା ସହିତ ପୁନଃବ୍ୟବହାର ଯୋଗ୍ୟ ବସ୍ତୁଗୁଡ଼ିକର ପୁନଃପ୍ରକ୍ରିୟାକରଣରେ ଉନ୍ନତ ପ୍ରକ୍ରିୟା ଅନୁପାଳନକୁ ଗଭୀରତାର ସହିତ ଅନୁଧ୍ୟାନ କରିଥାଏ। ରୋଗୀସେବା କ୍ଷେତ୍ରରେ ଉନ୍ନତ ନିରାପତା ପ୍ରକ୍ରିୟା ଅବଲମ୍ବନ କରୁଥିବା ଦେଶର ମାତ୍ର ଦୁଇଟି ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନକୁ ଏହି ପୁରସ୍କାର ବର୍ଷକୁ ଥରେ ପ୍ରଦାନ କରାଯାଇଥାଏ।

